

Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:180 27 October 2026 (Tuesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୮୦ ୨୭ ଅକ୍ଟୋବର ୨୦୨୬ (ମଙ୍ଗଳବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

# ପୁଲିସ ହେପାଜତରେ ଥିବା ଯୁବକଙ୍କ ମୃତ୍ୟୁ

## ପ୍ରତିବାଦରେ ମାଲକାନଗିରି ଥାନା ଘେରାଉ



ମାଲକାନଗିରି,୨୬/୧୦(ନି/ପ୍ର): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣା ପୁଲିସ ଏମ୍‌ଭି-୬୫ ଗ୍ରାମର ଯୁବକ ତନୁପ ଦେ(୨୪)ଙ୍କୁ ଘରୁ ଉଠାଇ ଆଣିଥିଲା । ତେବେ କିଛି ସମୟ ପରେ ସ୍ଥାନୀୟ ଏକ ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ଏହାକୁ ନେଇ ତନୁପଙ୍କ ପରିବାର ଓ ନିକଟ ସମ୍ପର୍କୀୟ ମାଲକାନଗିରି ଥାନା ଘେରାଉକରିବା ସହ ରାଜପଥ ୩୨୬ ଅବରୋଧ କରିଛନ୍ତି । ହରିୟାଣା ପୁଲିସ ମାଡ଼ ମାରି ତନୁପଙ୍କୁ ହତ୍ୟା କରିଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି । ମାଲକାନଗିରି ଜିଲ୍ଲାର ଏମ୍‌ଭି-୬୫ ଗ୍ରାମର ଯୁବକ ତନୁପଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣାର ହଂସି ଥାନା ପୁଲିସ ଏମଭି-୧୪ ଗ୍ରାମରୁ ଉଠାଇ ଆଣିଥିବା ଅଭିଯୋଗ ହୋଇଛି । ପରେ ତାଙ୍କୁ ମାଲକାନଗିରି ସହରର ଏକ ହୋଟେଲରେ ରଖାଯାଇଥିଲା । ତେବେ ଆଜି (ସୋମବାର) ପୂର୍ବାହ୍ଣରେ ସେହି ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ଏହି ଘଟଣାପରେ ଅଂଚଳରେ ଉତେଜନା ପ୍ରକାଶ ପାଇବା ପରେ ହରିୟାଣା ପୁଲିସକୁ ଆଣି ମାଲକାନଗିରି ଥାନାରେ ରଖାଯାଇଥିଲା । ଉନ୍ମତ୍ତ ଲୋକମାନେ ଥାନା ଠାରେ ପହଞ୍ଚିଥିଲେ । ମାଲକାନଗିରି ପୁଲିସ ଥାନାରେ ରଖି ହରିୟାଣା ପୁଲିସକୁ ସୁରକ୍ଷା ଦେଉଥିବା ଅଭିଯୋଗ କରିଥିଲେ । ପାଇଛି । ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଥାନା ଘେରାଉ କରି ହରିୟାଣା ପୁଲିସକୁ ଗିରଫ କରିବା ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଏପରିକି ଉନ୍ମତ୍ତ ଲୋକେ ଜାତୀୟ ରାଜପଥ-୩୨୬ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ଖବର ଲେଖାଯିବା ସୁଦ୍ଧା ଉତ୍ତେଜନା ଜାରି ରହିଥିବା ବେଳେ ଘଟଣାର ସମାଧାନ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି, ହରିୟାଣା ପୁଲିସ ତନୁପଙ୍କୁ ମାଡ଼ ମାରି ହତ୍ୟା କରିବା ପରେ ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି ।

# ଫ୍ରାନ୍ସରେ ଲିଭୁନି ଦରଦାମ୍ ବୃଦ୍ଧି ନିଆଁ

## ବିକ୍ଷୋଭକାରୀଙ୍କୁ ଲାଠି ମାଡ଼, ୧,୩୦୦ଗିରଫ



ପ୍ୟାରିସ୍,୨୬/୧୦: ଫ୍ରାନ୍ସରେ ଦରଦାମ ବୃଦ୍ଧି, ଦୈନନ୍ଦିନ ଖର୍ଚ୍ଚ ବଢ଼ିବା, ସ୍କୁଲଗୁଡ଼ିକର ଶୋଚନୀୟ ଅବସ୍ଥା, ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଶନିବାର ଲକ୍ଷାଧିକ ଲୋକେ ପୁଣି ରାସ୍ତାକୁ ଓହ୍ଲାଇଛନ୍ତି । ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭକାରୀ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି । ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ବେଳେ ପୁଲିସ ସହ ଆନ୍ଦୋଳନକାରୀଙ୍କ ସଂଘର୍ଷ ହୋଇଛି । ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ସହ ବ୍ୟାରିକେଡ ଜାଳି ଦେଇଥିଲେ । ପୁଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଛି । ଏଥିସହ ୧,୩୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି । ସରକାରୀ ତଥ୍ୟ ଅନୁସାରେ ବିକ୍ଷୋଭରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀ ସାମିଲ ହୋଇଥିଲେ । ତେବେ ଟ୍ରେଡ୍ ୟୁନିୟନ ପକ୍ଷରୁ ୮ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବିକ୍ଷୋଭକୁ ଓହ୍ଲାଇଥିବା ଦାବି କରାଯାଇଛି । ବିକ୍ଷୋଭ ଯେପରି ହିଂସାର ରୂପ ନ ନିଏ ସେଥିଲାଗି ୭୦ ହଜାରରୁ ଉର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । କେତେକ ସହରରେ କଟକଣା ମଧ୍ୟ ଜାରି କରାଯାଇଥିଲା । ବିକ୍ଷୋଭକାରୀଙ୍କ ସହ ସଂଘର୍ଷରେ ଅନ୍ୟୁନ ୫୩ ଜଣ ପୁଲିସ କର୍ମୀ ଆହତ ହୋଇଛନ୍ତି । ତେବେ ପୂର୍ବ ବିକ୍ଷୋଭ ତୁଳନାରେ ଏଥର ବ୍ୟାପକ ସ୍ତରରେ ହିଂସା, ଲୁଟ୍ପାଟ ରୋକିବାରେ ପୁଲିସ ସଫଳ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଗତ ସେପ୍ଟେମ୍ବରରେ ଏକ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ବିକ୍ଷୋଭରୁ ଫ୍ରାନ୍ସରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା । ସ୍କୁଲରେ ଶିକ୍ଷକ ଅଭାବ, ସ୍କୁଲ ଗୃହର ଦୁରାବସ୍ଥା, ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ, ଛାତରୁ ପାଣି ଗଳିବା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନ ରହିବା ବିରୋଧରେ ବିକ୍ଷୋଭ ହୋଇଥିଲା । ପରେ ଏହି ଆନ୍ଦୋଳନରେ ଶିକ୍ଷକ, ଅଭିଭାବକ, ଟ୍ରେଡ୍ ୟୁନିୟନ ବି ସାମିଲ ହୋଇଥିଲେ । ବିକ୍ଷୋଭରେ ସ୍କୁଲ ପ୍ରସଙ୍ଗଠାରୁ ଆରମ୍ଭ କରି ଦରଦାମ ବୃଦ୍ଧି ଏବଂ ସରକାରଙ୍କ କଠୋର ପୁଲିସ ବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା । ଲୋକଙ୍କ ଦାବି ଉପରେ ଆଲୋଚନା କରିବା ବଦଳରେ ଇମାନୁଏଲ ମାକ୍ରନ୍‌ଙ୍କ ସରକାର ପୁଲିସ ବଳ ଦ୍ୱାରା ବିକ୍ଷୋଭକୁ ଦମନ କରିବାକୁ ଚାହୁଁଥିବା ଆନ୍ଦୋଳନକାରୀ ଅଭିଯୋଗ ଆଣିଛନ୍ତି ।

# ରୁଷରେ ୟୁକ୍ରେନ ପକ୍ଷରୁ ଡ୍ରୋନ୍ ଆକ୍ରମଣ :

## ୨ ମୃତ, ୧୭ ଆହତ, ଟ୍ରେନ୍ ସେବା ପ୍ରଭାବିତ



ମସ୍କୋ,୨୬/୧୦: ରୁଷର ଭୋରୋନେଜ୍ ଅଂଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି । ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଆକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଂଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି । ଗୁସେଭ ଏକ ମେସେଜିଂ ଆପ୍ ?ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା । ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ଅନେକ ଶିଳ୍ପ ଅଂଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ କାମ କରୁଛନ୍ତି । ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଂଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମଧ୍ୟ ଆକ୍ରମଣର ଶିକାର ହୋଇଛି । ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଇଥିବା ସମସ୍ତ ରେଳ ନେଟୱାର୍କର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି । ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି ।

# କାର ପାର୍କିଂକୁ ନେଇ ୩ ଜଣଙ୍କୁ ହତ୍ୟା; ବାପା, ଝିଅ ଏବଂ ଦାଦାଙ୍କୁ ଗୁଳିକଲେ ଦୁର୍ବୃତ



ଲକ୍ଷ୍ନୌ,୨୬/୧୦: ଉତତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ କାର୍ ପାର୍କିଂକୁ ନେଇ ହୋଇଥିବା ବିବାଦ ପରେ ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କୁ ଗୁଳିକରିହତ୍ୟା କରାଯାଇଛି । ଗାଡ଼ିପାର୍କିଂକୁ ନେଇ ଦୁଇ ପକ୍ଷ ମଧ୍ୟରେ ହୋଇଥିବା ବଚସା ଏକ ହିଂସାତ୍ମକ ଓ ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା । ଅଭିଯୋଗ ଅନୁଯାୟୀ, ଏହି ବିବାଦ ସମୟରେ ଗୋଟିଏ ପକ୍ଷରୁ ଗୁଳିଚାଳନା କରାଯାଇଥିଲା, ଯାହା ଫଳରେ ଜଣେ ବ୍ୟକ୍ତି, ତାଙ୍କ ପୁଅ ଏବଂ ତାଙ୍କ ଭାଇଙ୍କ ମୃତ୍ୟୁ ଘଟିଛି । ଗୁଳି ଚଳାଇଥିବା ଅଭିଯୁକ୍ତର ନାଁ ରଷଭ ବୋଲି ଚିହ୍ନଟ କରାଯାଇଛି । ପୋଲିସ ତାକୁ ହେପାଜତକୁ ନେଇ ପଚରାଉଚରା ଆରମ୍ଭ କରିଛି । ଏହି ଘଟଣା ଲକ୍ଷ୍ନୌର ସଆଦତଗଞ୍ଜ ଥାନା ଅଧୀନସ୍ଥ ନୌବସ୍ତା ଅଂଚଳରେ ଘଟିଛି । ଏକ କାର୍ ପାର୍କିଂକୁ ନେଇ ଦୁଇ ପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପ୍ରଥମେ ସାମାନ୍ୟ ବଚସା ହୋଇଥିଲା, କିନ୍ତୁ ପରିସ୍ଥିତି ଦ୍ରୁତ ଗତିରେ ଉଗ୍ର ହୋଇଯିବାରୁ ଗୁଳିବିନିମୟ ହୋଇଥିଲା । ଅଭିଯୋଗ ରହିଛି ଯେ, ଏହି ବିବାଦ ସମୟରେ ରଷଭ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ । ହଠାତ୍ ଗୁଳିଚାଳନା ଯୋଗୁଁ ସେହି ଅଂଚଳରେ ଆତଙ୍କ ଖେଳିଗଲା । ଏହି ଘଟଣାରେ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି । ମୃତକମାନଙ୍କ ମଧ୍ୟରେ ଶିବାଜୀ ତିୱାରୀ, ତାଙ୍କ ପୁଅ ସୁଯଶ ତିୱାରୀ ଏବଂ ଶିବାଜୀଙ୍କ ଭାଇ ଶମ୍ଭୁ ରହିଛନ୍ତି । ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ହତ୍ୟା ଖବର ସମଗ୍ର ଅଂଚଳରେ ଶୋକ ଓ ଆତଙ୍କ ସୃଷ୍ଟି କରିଛି । ଗୁଳି ଚଳାଇଥିବା ବ୍ୟକ୍ତିଙ୍କ ପରିଚୟ ରଷଭ ବୋଲି ଜଣାପଡ଼ିଛି । ପ୍ରାଥମିକ ସୂଚନା ଅନୁଯାୟୀ, ରଷଭ ମର୍ଚ୍ଚାଂଟ ନେଭିରେ କାର୍ଯ୍ୟରତ ଅଛନ୍ତି; ତେବେ ତାଙ୍କର ନିର୍ଦ୍ଦିଷ୍ଟ ନିଯୁକ୍ତି ସ୍ଥାନ ଏବଂ ପଦବୀ ସମ୍ପର୍କରେ ଆନୁଷ୍ଠାନିକ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ପୋଲିସ ରଷଭଙ୍କୁ ଅଟକ ରଖି ପଚରାଉଚରା କରୁଛି ।

# 'ଇରାନ ଯୁଦ୍ଧ ଶେଷ କରିବା ପାଇଁ ନେତାନ୍ୟାହୁଙ୍କୁ ନିର୍ବାଚିତ କରନ୍ତୁ'



ୱାସିଂଟନ,୨୬/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ପୁଣି ଥରେ ନିର୍ବାଚିତ କରିବାକୁ ଅନୁରୋଧ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଦୁଇ ନେତାଙ୍କୁ ଇରାନ ବିରୋଧରେ ଯୁଦ୍ଧ ଶେଷ କରିବାକୁ ହେବ । ଅକ୍ଟୋବର ୨୭ ତାରିଖରେ ଇସ୍ରାଏଲର ନିର୍ବାଚନର ପୂର୍ବରୁ ଟ୍ରମ୍ପଙ୍କର ଏହି ବକ୍ତବ୍ୟ ଆସିଛି । ଏହାର କିଛି ଘଟାଂ ପୂର୍ବରୁ ନେତାନ୍ୟାହୁ ତେଲ ଅଭିଭ ସହର ଉପରେ ପରମାଣୁ ବିସ୍ଫୋରଣକୁ ଦର୍ଶାଇ ସୋସିଆଲ ମିଡିଆରେ ଏକ ଏଆଇ-ଜେନେରେଟେଡ୍ ଚିତ୍ର ପୋଷ୍ଟ କରିଥିଲେ । ଏହା ସହ ଚେତାବନୀ ଦେଇଛନ୍ତି ଯେ, ଯଦି ଲୋକମାନେ ତାଙ୍କୁ ନିର୍ବାଚିତ ନ କରନ୍ତି, ତେବେ ଇସ୍ରାଏଲ ଦ୍ୱିତୀୟ ହୋଲୋକାଷ୍ଟର ବିପଦର ସମ୍ମୁଖୀନ ହେବ, ଯାହା ଇହୁଦୀମାନଙ୍କର ଏକ ଗଣହତ୍ୟା । ସେ କହିଛନ୍ତି ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଇରାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୀମିତ ସମୟ ଅଛି । ନେତାନ୍ୟାହୁ ପୂର୍ବରୁ ଦାବି କରିଥିଲେ ଯେ, ଆମେରିକା ଏବଂ ଇସ୍ରାଏଲ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଯଥେଷ୍ଟ କ୍ଷତି ପହଚାଂଇଛନ୍ତି । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ନେତାନ୍ୟାହୁଙ୍କ ସମର୍ଥନରେ ଏକ ସପ୍ତାହ ପୂର୍ବେ ଲେଖିଥିବା ଏକ ପୋଷ୍ଟକୁ ପୁଣି ସେୟାର କରିଛନ୍ତି । ସେ କହିଛନ୍ତି ଯେ, ଦୁଇ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି ଏବଂ ସେମାନେ ମିଳିତ ଭାବରେ ଅନେକ ସାମରିକ ଅଭିଯାନ ଚଳାଇଛନ୍ତି । ଟ୍ରମ୍ପ ଭେନେଜୁଏଲାରେ ଆମେରିକୀୟ ସାମରିକ ଅଭିଯାନ, ଅପରେସନ୍ ମିଡନାଇଟ୍ ହାମର୍ ଏବଂ ଅପରେସନ୍ ଏପିକ୍ ଫ୍ୟୁରି ସମ୍ପର୍କରେ ଉଲ୍ଲେଖ କରି ଦାବି କରିଛନ୍ତି ଯେ ଏହି ଅଭିଯାନଗୁଡ଼ିକ ଇରାନର ନୌସେନା ଏବଂ ବାୟୁସେନାକୁ ନଷ୍ଟ କରିଦେଇଛି । ଟ୍ରମ୍ପଙ୍କ ଅନୁଯାୟୀ, ଇରାନର ସାମରିକ ଏବଂ ଅର୍ଥନୀତି ମଧ୍ୟ ଯଥେଷ୍ଟ କ୍ଷତି ସହି ମୁଦ୍ରାସ୍ଫୀତି ୩୦୧ ପ୍ରତିଶତରେ ପହଚିଂଛି । ଇସ୍ରାଏଲୀ ସେନା ମୁଖ୍ୟ ଏୟାଲ ଜମିର ଏବଂ ନେତାନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନା ମଧ୍ୟ ଦେଖାଦେଇଛି । ଚ୍ୟାନେଲ ୧୨ ଅନୁଯାୟୀ, ନିର୍ବାଚନ ପୂର୍ବରୁ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଦେଶର ଆଇନଗତ ଅନୁମୋଦନ ଏବଂ ଅଧିକ ଆଲୋଚନା ସମ୍ପର୍କରେ ଜମିର ଲିଖିତ ଦସ୍ତାବିଜ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ବିବରଣୀ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଟ୍ରମ୍ପ ଇସ୍ରାଏଲର ଲୋକମାନଙ୍କୁ ନେତାନ୍ୟାହୁଙ୍କୁ ଜଣେ ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ଭାବରେ ଦର୍ଶାଇ ତାଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ଇରାନ ଯୁଦ୍ଧ ଯୋଗୁଁ ତେଲ ମୂଲ୍ୟ ବୃଦ୍ଧି ପାଇଛି । ଆସନ୍ତା ମାସରେ ଆମେରିକାର ମଧ୍ୟବର୍ତୀକାଳୀନ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପ୍ରତି ସମର୍ଥନ ହ୍ରାସ ପାଇଥିବା ରିପୋର୍ଟ ମଧ୍ୟ ରହିଛି ।

# ବାତ୍ୟା ଅର୍ଣ୍ଣବକୁ ନେଇ ରାୟଗଡ଼ା ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି :

## ସ୍ଥାନାନ୍ତର ହେଲେ ୬୦ଗର୍ଭବତୀ ପହଚିଂଲା ଏନଡିଆରଏଫଟିମ୍




ରାୟଗଡ଼ା,୨୬/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବକୁ ନେଇ ରାୟଗଡ଼ା ଜିଲ୍ଲା ପ୍ରଶାସନ ବେଶ୍ ସଜାଗ ରହିବା ସହ ବାତ୍ୟାରେ ଜିରୋ କାଜୁଆଲିଟି ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି ଓ ରାୟଗଡ଼ା ଜିଲ୍ଲା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ଗୋଟିଏ ଏନଡିଆରଏଫ ଓ ପାଇଁ ୭ଟି ଓଡ୍ରାଫ ଟିମ ନିୟୋଜିତ କରାଯାଇଥିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି ଓ ଅଗ୍ନିଶମ ବିଭାଗର ୧୧ଟି ଟିମ ମଧ୍ୟ ନିୟୋଜିତ ହୋଇଛନ୍ତି ଓ ୩ଟି ବହୁମୁଖୀ ସ୍ଥାୟୀ ଆଶ୍ରୟସ୍ଥଳ ସହ ୧୩୧ଟି ଅସ୍ଥାୟୀ ଆଶ୍ରୟସ୍ଥଳ, ପ୍ରତ୍ୟେକ ସ୍ଥାୟୀ ଆଶ୍ରୟ ସ୍ଥଳ ପାଇଁ ନୋଡାଲ ଅଫିସର ନିୟୋଜିତ କରାଯାଇଛି ଓ ସମ୍ଭାବ୍ୟ ବାତ୍ୟା ପାଇଁ ୧୪୮ଟି ସମ୍ବେଦନଶୀଳ ଗ୍ରାମ ଠାବ ହୋଇଛି ବୋଲି ଜିଲ୍ଲପାଳ ଶ୍ରୀ କୁଲକର୍ଣ୍ଣି ସୂଚନା ଦେଇଛନ୍ତି ଓ ଜିଲ୍ଲାର ସମସ୍ତ ବ୍ଲକ ର ବିଡିଓ ଓ ତହସିଲଦାରମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି । ଜିଲ୍ଲାରେ ୨ଟି ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବିଭାଗର ଟିମ୍ ରହିଥିବା ବେଳେ ଗତକାଲି ସନ୍ଧ୍ୟାରେ କଟକର ମେରାମଣ୍ଡଳୀରୁ ଘଉଜରର ଏକ ଟିମ୍ ରାୟଗଡ଼ାରେ ପହଚିଂଛନ୍ତି । ତେବେ ଜିଲ୍ଲାରେ ୮୪ଟି ଆଶ୍ରୟସ୍ଥଳୀ ରହିଥିବା ବେଳେ ବାତ୍ୟା ଲ୍ୟାଣ୍ଡଫଲ୍ ପୂର୍ବରୁ ସମସ୍ତ ପ୍ରଭାବିତଙ୍କୁ ସ୍ଥାନାନ୍ତରଣ କରିବା ପାଇଁ ନିଷ୍ପତି ହୋଇଛି । ଏଥିପାଇଁ ଏଯାଏଁ ୬୦ ଜଣ ଗର୍ଭବତୀ ମହିଳାଙ୍କୁ ମା ଗୃହ ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଓ ଲଗାଣ ବର୍ଷା ଓ ପବନକୁ ଦୃଷ୍ଟିରେ ରଖି କ୍ୟାଣ୍ଡଲ, ଶୁଖିଲା ଖାଦ୍ୟ ଏବଂ ଅନ୍ୟାନ ସମଗ୍ରୀ ମଧ୍ୟ ବିଭିନ୍ନ ସ୍ଥାନରେ ମହଜୁଦ ରହିଛି । ସେହିଭଳି ୫୯ଜଣ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଥିବା ବେଳେ ଆଜି ୧୩ ଜଣ ମହିଳାଙ୍କ ପ୍ରସବ ହୋଇସାରିଛି । ଜିଲ୍ଲାରେ ଭୂସ୍ଖଳନ ଘଟୁଥିବା ୧୧ଟି ସ୍ଥାନକୁ ଚିହ୍ନଟ କରାଯାଇ ସେହି ସ୍ଥାନମାନଙ୍କ ପ୍ରତି ସତର୍କ ରହିବାକୁ କ୍ଷେତ୍ର ଅଧିକାରୀଙ୍କୁ କୁହାଯାଇଛି । ଅନ୍ୟପଟେ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଜାରି କରିଛି ଟୋଲଫ୍ରି ନମ୍ବର । ସେଭଳି ୨ଦିନ ଜିଲ୍ଲାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

# ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ; ୨୭ ଓ ୨୮ ବିପଦ




ଭୁବନେଶ୍ୱର,୨୬/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବ । ତେବେ ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଏବଂ ରାୟଗଡ଼ା ଜିଲା ଅଧିକ ପ୍ରଭାବିତ ହେବ । ଏହି ୫ଟି ଜିଲାରେ ଅତ୍ୟଧିକ ବର୍ଷା ଅର୍ଥାତ ୨୦-୩୦ ସେଟିଂମିଟରରୁ ଅଧିକ ବର୍ଷା ହୋଇପାରେ । ଏଥିସହ ପବନର ବେଗ ଘଟାଂପ୍ରତି ୫୦ରୁ ୬୦କି.ମି. ଏବଂ ସ୍ଥଳବିଶେଷରେ ଝଟକା ପବନର ବେଗ ୭୦କି.ମି. ପର୍ଯ୍ୟନ୍ତ ବହିବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବାତ୍ୟା ମୁକାବିଲାରେ ଏହି ୫ଟି ଜିଲାକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ୨୭ତାରିଖରୁ ଉପକୂଳବର୍ତୀ ଜିଲାରେ ବର୍ଷା ସାଙ୍ଗକୁ ଘଟାଂପ୍ରତି ୪୦ରୁ ୫୦କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବା ଦିନ ସମଗ୍ର ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି । ଅବପାତ ଦକ୍ଷିଣ-ପଶ୍ଚିମ ଦିଗରେ ଗତି କରିବା ସହିତ ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଦକ୍ଷିଣ-ପଶ୍ଚିମ ଦିଗରେ ଗତି କରିବା ସହିତ ଅଧିକ ଘନୀଭୂତ ହୋଇ ପୂର୍ବ-କେନ୍ଦ୍ରୀୟ ଓ ନିକଟବର୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବ । ପରବର୍ତୀ ସମୟରେ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରି ୨୭ ତାରିଖ ସକାଳ ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣ ବାତ୍ୟା ରୂପ ନେବ । ପରେ ସମ୍ଭାବ୍ୟ ବାତ୍ୟା ଉତର-ପଶ୍ଚିମ ଦିଗରେ ଗତି କରିବ ଏବଂ ଅଧିକ ଘନୀଭୂତ ହୋଇ ଅତି ଭୀଷଣ ବାତ୍ୟାରେ ପରିଣତ ହେବ ।

# ଲୁଲାଙ୍କୁ ବିଜୟ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୨୬/୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲର ରାଷ୍ଟ୍ରପତି ଲୁଲା ଡା ସିଲଭାଙ୍କୁ ତାଙ୍କର ବିପୁଳ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ମୋର ପ୍ରିୟ ବନ୍ଧୁ ରାଷ୍ଟ୍ରପତି ଲୁଲାଙ୍କୁ ତାଙ୍କର ପୁଣି ଥରେ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ । ଭାରତ-ବ୍ରାଜିଲ ବହୁମୁଖୀ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର ଏବଂ ବିସ୍ତାର କରିବା ପାଇଁ ମୁଁ ତାଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ଅପେକ୍ଷା କରିଛି । ପ୍ରଧାନମନ୍ତ୍ରୀ ଲୁଲା ପୁଣି ନିର୍ବାଚିତ ହୋଇଥିବାରୁ ସେ ଅଭିନନ୍ଦନ ଜଣାଇବା ସହିତ ଦୁଇ ଦେଶ ମଧ୍ୟରେ ଉତ୍କୃଷ୍ଟ ସମ୍ପର୍କକୁ ଆହୁରି ମଜବୁତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏକତ୍ରିତ ଭାବରେ, ଆମେ ବିଭିନ୍ନ କ୍ଷେତ୍ରରେ ଆମର ସହଯୋଗକୁ ମଜବୁତ କରିବୁ । ଆମେ ଗ୍ଲୋବାଲ୍ ସାଉଥ୍‌ର ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବୁ ଏବଂ ଏକ ଅଧିକ ଅନ୍ତର୍ଭୁକ୍ତ, ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ବିଶ୍ୱ ପାଇଁ କାମ କରିବୁ ।

ଆବଶ୍ୟକ
ଉତ୍କଳ ସମାଚାର
The Utkal Samachar
www.theutkalsamachar.com
ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No-B/204, Sec-16,Rourkela,
Mob:9692048008
Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ବାଲି ମାଫିଆଙ୍କ କବଜାରେ ମେର୍ମେଦା ନାଳ : କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

ଚମ୍ପୁଆ,୨୬/୧୦(ନି/ପ୍ର): ପ୍ରଶାସନିକ କଟକଣା ଓ କଡ଼ା ନିୟମ ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ମେର୍ମେଦା ନାଳରେ ବେଆଇନ ବାଲି ଚୋରାଚାଲାଣ ଦିନକୁ ଦିନ ବ୍ୟାପକରୁ ବ୍ୟାପକତର ହେବାରେ ଲାଗିଛି। ରାତି ଅନ୍ଧାରିଆ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ପ୍ରାକୃତିକ ସମ୍ପଦର ଲୁଟ୍ ଚାଲିଛି। ମେର୍ମେଦା ନାଳ ଉପରେ ବର୍ଷ ବର୍ଷ ଧରି ମାଫିଆଙ୍କ ରାଜ ଚାଲିଥିବାରୁ ଏହି ନାଳ ଏବେ ନିଜର ସତା ହଜାଇବାକୁ ବସିଲାଣି। ମେର୍ମେଦା ନାଳର ଭୂଇଁପୁର, ଜାଲ୍ଲି ଏବଂ ପଡୁଆ ଗ୍ରାମପଂଚାୟତର ବିଭିନ୍ନ ଅଂଚଳରୁ ପ୍ରତିଦିନ ରାତି ଅଧିଆ ଶହ ଶହ ଟ୍ରାକ୍ଟର ବାଲି ଚୋରାଚାଲାଣ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ସାଙ୍ଘାତିକ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପଡୁଆ ଗ୍ରାମପଂଚାୟତର ମଙ୍ଗଳପୁର ଶ୍ମଶାନଘାଟରୁ ପ୍ରତିଦିନ ରାତି ୧୦ ଘଟିକାରୁ ସକାଳ ପର୍ଯ୍ୟନ୍ତ ପ୍ରାୟ ୫ ରୁ ୮ଟି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରି କରାଯାଉଛି। ସେହିପରି ପଡୁଆ ଗ୍ରାମରୁ ନନ୍ଦପୁରକୁ ଯାଇଥିବା ରାସ୍ତା ଏବଂ ପଡୁଆ ବାବାଜୀ ମଠ ଦେଇ ପାରୁଡିପଶି ଯାଉଥିବା ରାସ୍ତାରୁ ମଧ୍ୟ ପ୍ରତିଦିନ ନିୟମିତ ଭାବେ ପ୍ରାୟ ୮ଟି ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଛି। କେବଳ ଏତିକି ନୁହେଁ, ଜାଲି ମେର୍ମେଦା ନାଳ, ଭୂଇଁପୁର ମେର୍ମେଦା ନାଳ, କମଣ୍ଡ ମେର୍ମେଦା ନାଳ ଓ ଶିରିକୁଆଁ ମେର୍ମେଦା ନାଳରୁ ମଧ୍ୟ ବେଆଇନ ଭାବେ ବାଲି ଉତୋଳନ କରାଯାଉଛି। ଏହି ସମସ୍ତ ଘାଟ ଓ ନାଳରୁ ରାତି ଅଧିଆ ଚୋରି ହେଉଥିବା ବାଲିକୁ ଟ୍ରାକ୍ଟର ଏବଂ ହାଇୱା ଜରିଆରେ ଝୁମ୍ପୁରା, ଚମ୍ପୁଆ, ଯୋଡା, ବଡ଼ବିଲ ଓ କେନ୍ଦୁଝର ସହରକୁ ଚୋରା ଚାଲାଣ କରାଯାଉଥିବା ସ୍ପଷ୍ଟ ଜଣାପଡିଛି। ନିଜର ଘରକାମ ବା ଗରିବ ଶ୍ରେଣୀର ଲୋକେ ନିଜର ଦରକାରୀ କାମ ପାଇଁ ମୁଠାଏ ବାଲି ପାଇଁ ହନ୍ତସନ୍ତ ହେଉଥିବାବେଳେ, ବାଲି ମାଫିଆମାନେ ରାଜକୋଷକୁ ଚୂନ ଲଗାଇ ମାଲାମାଲ ହେଉଛନ୍ତି। ବେଆଇନ ଭାବେ ଏପରି ମନଇଚ୍ଛା ବାଲି ଉତୋଳନ କରାଯିବା ଯୋଗୁଁ ସ୍ଥାନୀୟ ଅଂଚଳର ପ୍ରାକୃତିକ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଆଗାମୀ ଦିନରେ ଭୂତଳ ଜଳସ୍ତର ପ୍ରଭାବିତ ହେବାର ଏକ ବଡ଼ଧରଣର ଆଶଙ୍କା ସୃଷ୍ଟି ହୋଇଛି। ପ୍ରାକୃତିକ ସମ୍ପଦର ଏପରି ବେଧଡ଼କ ଲୁଟ୍ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇବା ସହିତ ପ୍ରଶାସନିକ କଳର ଏପରି ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜିଲ୍ଲା ପ୍ରଶାସନ, ତହସିଲ ବିଭାଗ, ପୋଲିସ ପ୍ରଶାସନ, ଲଘୁଖଣିଜ ବିଭାଗ ଏବଂ ଚମ୍ପୁଆ ଉପଜିଲ୍ଲାପାଳ ଏହି ସମସ୍ତ ବାଲିଘାଟ ଓ ନାଳଗୁଡ଼ିକରେ ତୁରନ୍ତ ମିଳିତ ଚଢ଼ାଉ କରି ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ରାପଡ଼ା ହତ୍ୟାକାଣ୍ଡ ମାମଲା : ଅଭିଯୁକ୍ତ ବୁଲୁ ବେହେରାଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୬/୧୦(ନି/ପ୍ର): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଟାଉନ୍ ବଳରାମପୁର ଅଂଚଳରେ ଘଟିଥିବା ଚର୍ଚ୍ଚିତ ଅକ୍ଷୟ କୁମାର ଖଟୁଆ ହତ୍ୟା ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲା ଓ ଦୌରାଜଜ୍ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଆଦିତ୍ୟ ପ୍ରସାଦ ବେହେରା ଓରଫ୍ ବୁଲୁ(୩୨)କୁ ଆଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ଅଭିଯୁକ୍ତ ଉପରେ ୫,୦୦୦ ଟଙ୍କାର ଆର୍ଥିକ ଜରିମାନା ମଧ୍ୟ ଲାଗୁ କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ ଯେ, ୨୦୨୪ ମସିହା ଏପ୍ରିଲ ୧୮ ତାରିଖ ରାତି ପ୍ରାୟ ୯ଟା ସମୟରେ କେନ୍ଦ୍ରାପଡ଼ା ସାରଙ୍ଗ ଗ୍ରାମର ଅକ୍ଷୟ କୁମାର ଖଟୁଆ ଏବଂ ବଳରାମ ମହାରଣା ଟାଉନ୍ ବଳରାମପୁରସ୍ଥିତ ଏକ ପାନ ଦୋକାନ ନିକଟରେ ସଉଦା କରୁଥିଲେ। ସେହି ସମୟରେ ସ୍ଥାନୀୟ ଆଦିକନ୍ଦ ବେହେରାଙ୍କ ପୁଅ ଆଦିତ୍ୟ ବେହେରା(ବୁଲୁ) ହଠାତ୍ ଏକ ଛୁରୀ ଧରି ବଳରାମ ମହାରଣାଙ୍କ ଉପରକୁ ଆକ୍ରମଣ କରିଥିଲା। ଏହାଦେଖି ଅକ୍ଷୟ କୁମାର ଖଟୁଆ ଘଟଣାରେ ହସ୍ତକ୍ଷେପ କରି ବଳରାମଙ୍କୁ ବଂଚାଇବାକୁ ଚେଷ୍ଟା କରିବା ସହ ଆକ୍ରମଣର ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବୁଲୁ ଅତି ନିର୍ମମ ଭାବେ ଏକ ଧାରୁଆ ଛୁରୀରେ ଅକ୍ଷୟଙ୍କ ଶରୀରରେ ବାରମ୍ବାର ଆଘାତ କରିଥିଲା। ଛୁରାମାଡ଼ ଯୋଗୁଁ ରକ୍ତ ଜୁଡୁବୁଡୁ ହୋଇ ଅକ୍ଷୟ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ସାନଭାଇ ଶରତ କୁମାର ଖଟୁଆ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ ୭୯/୨୦୨୪ ଅନୁଯାୟୀ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୩୦୨ ଏବଂ ୩୦୭ ଅଧିନରେ ମାମଲା ରୁଜୁ କରିଥିଲା। ମାମଲାର ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ଦିଲ୍ଲୀପ କୁମାର ସାହୁ ଗ୍ରହଣ କରିଥିଲେ। ସେ ତଦନ୍ତ ଆରମ୍ଭ କରି ମାତ୍ର ୧୧୭ ଦିନ ମଧ୍ୟରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୧୩ ତାରିଖରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହାପରେ ୧୪୭ ଦିନ ପରେ ୨୦୨୫ ଜାନୁଆରୀ ୭ ତାରିଖରେ ଅଦାଲତରେ ଅଭିଯୁକ୍ତ ବିରୋଧରେ ବିଚାର ପାଇଁ ଅଭିଯୋଗ ଫର୍ଦ୍ଦ ବା ଚାର୍ଜ ଫ୍ରେମିଂ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଶ୍ରୀମତୀ ଏସ୍.ଏ. ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ଚାର୍ଜ ଫ୍ରେମିଂ ହେବାର ୬୪୭ ଦିନ ଧରି ଚାଲିଥିବା ଟ୍ରାଏଲ୍‌ରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ତଦନ୍ତକାରୀ ଅଧିକାରୀଙ୍କ ତଥ୍ୟ-ପ୍ରମାଣକୁ ତର୍ଜମା କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ୨୦୨୬ ଅକ୍ଟୋବର ୧୬ ତାରିଖରେ କେନ୍ଦ୍ରାପଡ଼ା ସେସନ୍ସ ଜଜ୍ ଅଭିଯୁକ୍ତ ବୁଲୁ ବେହେରାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଆଇପିସି ଧାରା ୩୦୨ରେ ଆଜୀବନ କାରାଦଣ୍ଡ ଦିଆଯାଇଥିବାରୁ ଧାରା ୩୨୪ ପାଇଁ ଅଲଗା ଭାବେ କୌଣସି ଦଣ୍ଡ ବିହିତ କରାଯାଇ ନାହିଁ। ଏହି ରାୟ ପରେ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ମିଳିଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି।

# ଭୋଲବେଡ଼ାରେ ହାଟ ପ୍ରକଳ୍ପର ସ୍ୱଚ୍ଛତା ଓ ପୋଷଣ ଅଭିଯାନ




କେନ୍ଦୁଝର,୨୬/୧୦(ନି/ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ସ୍ଥିତ ଭାରତ ସଂଗଠନର ସେହାଟ୍ ପ୍ରକଳ୍ପ ଘଟଗାଁ ବ୍ଲକ ଅନ୍ତର୍ଗତ ଭୋଲବେଡ଼ା ସାପ୍ତାହିକ ହାଟରେ ସ୍ୱଚ୍ଛତା ଅଭିଯାନ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଥିଲା। ପ୍ରକଳ୍ପ ସଂଯୋଜକ ଶିବନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରତ ସଂଗଠନର କର୍ମୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ହାଟ ପରିସର ସଫେଇ କରାଯିବା ସହିତ ହାଟର ସ୍ୱଚ୍ଛତା, ଖାଦ୍ୟ ସୁରକ୍ଷା ଓ ପୋଷଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ହାଟରେ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା, ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନର ବ୍ୟବହାର କମାଇବା ଏବଂ ଖାଦ୍ୟ ସାମଗ୍ରୀକୁ ପରିଷ୍କାର ଓ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥି ସହିତ ଉନ୍ନତ ପୋଷଣ ପାଇଁ ଭାରତୀୟ ଖାଦ୍ୟ ପ୍ରଣାଳୀ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ଏକ ଗବେଷଣାଭିତିକ ଅଧ୍ୟୟନ, ଯାହାକୁ ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ ଏବଂ ସେଫିଲ୍ଡ ବିଶ୍ୱବିଦ୍ୟାଳୟ ସହାୟତା କରୁଥିବାବେଳେ ହାଇଦ୍ରାବାଦ ସ୍ଥିତ ରାଷ୍ଟ୍ରୀୟ ପୋଷଣ ସଂସ୍ଥା ପରାମର୍ଶ ଓ ତଦାରଖ କରୁଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ଖାଦ୍ୟ ପ୍ରଣାଳୀ ଓ ଲୋକମାନଙ୍କ ଖାଦ୍ୟାଭ୍ୟାସକୁ ଅଧ୍ୟୟନ କରିବା ସହିତ ପୋଷଣରେ ଉନ୍ନତି ଆଣିବା ପାଇଁ ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା। ସ୍ଥାନୀୟ ଶସ୍ୟ, ଡାଲି, ଶାଗ, ପନିପରିବା ଓ ଋତୁକାଳୀନ ଫଳମୂଳ ଭଳି ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ସହିତ ଶିଶୁ ଓ ମହିଳାଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱଚ୍ଛ ହାଟ, ସୁରକ୍ଷିତ ଖାଦ୍ୟ ଓ ସୁଷମ ପୋଷଣ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର। ଏଥିପାଇଁ ହାଟ କମିଟି, ଦୋକାନୀ ଓ ସାଧାରଣ ଲୋକଙ୍କ ସାମୂହିକ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଭୋଲବେଡ଼ା ସରପଂଚ ସନ୍ଧ୍ୟାରାଣୀ ନାୟକ, ହାଟ କମିଟି ସଭାପତି ଭାଗବତ ପ୍ରସାଦ ନାୟକ, ସମ୍ପାଦକ ଭାଗିରଥି ନାୟକ, ଏକଜୁଟ୍ ସଂଗଠନର ନିରାଶ ମହାନ୍ତ ଓ ବିବେକ ବେହେରାଙ୍କ ସମେତ ହାଟ କମିଟିର ସମସ୍ତ ସଦସ୍ୟ ଏବଂ ସିଏଲଏଫ ଓ ଜିପିଏଲଏଫର ମହିଳା ସଦସ୍ୟାମାନେ ଯୋଗ ଦେଇଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ହାଟର ସ୍ୱଚ୍ଛତା ବଜାୟ ରଖିବା ସହିତ ପୋଷଣ ଓ ସ୍ୱାସ୍ଥ୍ୟକର ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାର ବାର୍ତ୍ତା ଦିଆଯାଇଥିଲା।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ୨୦୨୬ ଅନୁଷ୍ଠିତ

ସୁବର୍ଣ୍ଣପୁର,୨୬/୧୦(ନି/ପ୍ର): ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ମାନଙ୍କୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ କ୍ରୀଡ଼ା ଉତ୍ସବ ଉତ୍ସାହ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦେବାଶିଷ ସିଂହ ଶିଶୁମାନଙ୍କୁ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ ଯୋଗଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରୁ ଆସିଥିବା ଶିଶୁ ମାନେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ଫଡିଆଁ, କେରମ, ଚେଶ୍ ଆଦି ଖେଳରେ ଭାଗ ନେଇଥିଲେ। ସମସ୍ତ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନେ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ। ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ



କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ସିଂପୁର ପଚାଂୟତ ସିଂପୁରଠାରେ ପାଣି ପାଇ ମହିଳାମାନେ ରାସ୍ତାରୋକ କରିଛନ୍ତି

# ମୟୂରଭଞ୍ଜବାସୀଙ୍କୁ ପୂଜା ଭେଟି : ପୁରୀ-ବାଦାମପାହାଡ଼ ଏକ୍ସପ୍ରେସକୁ ମଞ୍ଜୁରି



ରାଇରଙ୍ଗପୁର,୨୬/୧୦(ନି/ପ୍ର): ମୟୂରଭଞ୍ଜବାସୀଙ୍କୁ ପୂଜା ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଫଳରେ ପୁରୀ-ବାଦାମପାହାଡ଼ ସିଧା ଟ୍ରେନ୍ ଚଳାଚଳ ସ୍ୱପ୍ନ ସାକାର ହେବାକୁ ଯାଉଛି। ରେଳ ମନ୍ତ୍ରଣାଳୟ ୧୮୪୧୧/୧୮୪୧୨ ପୁରୀ-ବାଦାମପାହାଡ଼ ଏକ୍ସପ୍ରେସକୁ ଅନୁମୋଦନ କରିଛି। ରେଳ ବୋର୍ଡ ପକ୍ଷରୁ ୧୯ ଅକ୍ଟୋବର ୨୦୨୬ରେ ଜାରି ଚିଠି ନଂ ସିସି-୨୦୮/୨୦୨୬ ଏବଂ ୨୦୨୬/ସିଏଚ୍‌ଜି/୧୬/ ଡବ୍ଲୁସିଆ ?/୪୧- ପିଟିରେ ଏହା ସ୍ପଷ୍ଟ କରାଯାଇଛି। ପୂର୍ବରୁ କେବଳ ରଥଯାତ୍ରାରେ ଏହି ଟ୍ରେନ୍ ଚାଲୁଥିଲା। ରାଷ୍ଟ୍ରପତି ନିଜ ଜନ୍ମମାଟି ମୟୂରଭଞ୍ଜର ରେଳ ସଂଯୋଗକୁ ଗୁରୁତ୍ୱ ଦେଇ ଆସୁଥିଲେ। ପୂର୍ବତଟ ରେଳପଥର ପ୍ରସ୍ତାବ (୧୦.୭.୨୦୨୬)କୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଶେଷରେ ତାଙ୍କ ଉଦ୍ୟମ ସଫଳ ହୋଇଛି। ଏହି ଟ୍ରେନ୍ ପୁରୀରୁ ରାତି ୧୧.୪୫ରେ ବାହାରି ରାଇରଙ୍ଗପୁରରେ ଅପରାହ୍ନ ୧୨.୫୩ରେ ଓ ବାଦାମପାହାଡ଼ରେ ଅପରାହ୍ନ ୧.୪୫ରେ ପହଚିଂବ। ସେହିପରି ବାଦାମପାହାଡ଼ରୁ ଅପରାହ୍ନ ୪ଟାରେ ବାହାରି ରାଇରଙ୍ଗପୁର, ଟାଟାନଗର, କେନ୍ଦୁଝର ଦେଇ ପୁରୀରେ ସକାଳ ୬ଟାରେ ପହଚିଂବ। ଏହି ଟ୍ରେନ୍ ଦୈନିକ ଚଳାଚଳ କରିବ। ରାଇରଙ୍ଗପୁର, ବାଦାମପାହାଡ଼, ଅଁଳାଯୋଡ଼ି, ଟାଟାନଗର, ଭୁବନେଶ୍ୱର, କଟକ ସମେତ ୧୯ଟି ଷ୍ଟେସନରେ ରହଣି ବ୍ୟବସ୍ଥା ଅଛି। ୯ କୋଚ୍ ବିଶିଷ୍ଟ ଏଲ୍‌ଏଚ୍‌ବି ରେକ୍ ରହିବ। ରେଳବୋର୍ଡ ସୂଚନା ଅନୁଯାୟୀ, ଶୀଘ୍ର ଏକ ସୁବିଧାଜନକ ତାରିଖରେ ଟ୍ରେନ୍ ଚଳାଚଳ ଆରମ୍ଭ ହେବ। ଆସନ୍ତା ୨୮ ଓ ୨୯ରେ ରାଷ୍ଟ୍ରପତି ତାଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିପାରନ୍ତି ବୋଲି ମୟୂରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ କହିଛନ୍ତି।

# ଜିଲାର ବିକାଶ ନେଇ ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ସମୀକ୍ଷା ବୈଠକ

ଖୋର୍ଦ୍ଧା,୨୬/୧୦(ନି/ପ୍ର): ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଭୁବନେଶ୍ୱରସ୍ଥିତ ସ୍ପେଶାଲ ସର୍କିଟ୍ ହାଉସ୍ଠାରେ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପଚାଂୟତିରାଜ, ସାମାଜିକ ସୁରକ୍ଷା, ଭିନ୍ନିଭୂମି ବିକାଶ ସମେତ ପ୍ରମୁଖ କ୍ଷେତ୍ରରେ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଯୋଜନାଗୁଡ଼ିକର ସଫଳ ରୂପାୟନ ସହ ଜନସାଧାରଣଙ୍କୁ ଠିକ୍ ସମୟରେ ସରକାରୀ ସେବା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍)ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଖ୍ରୀଷ୍ଟିୟାନ୍ ଧର୍ମରୁ ହିନ୍ଦୁ ଧର୍ମକୁ ଫେରିଲେ ଦୁଇ ଆଦିବାସୀ ପରିବାର

କେନ୍ଦୁଝର,୨୬/୧୦(ନି/ପ୍ର): କେନ୍ଦୁଝର ସଦର ବ୍ଲକ ବାଜୁଣିଟାଙ୍ଗର ଗ୍ରାମର ହୁଣ୍ଡା ହୁଡ଼ି ସାହିରେ ଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ। ଖ୍ରୀଷ୍ଟିୟାନ୍ ଧର୍ମରୁ ହିନ୍ଦୁ ଧର୍ମକୁ ଫେରିଲେ ଦୁଇ ଆଦିବାସୀ ପରିବାର। ବିଶ୍ୱ ହିନ୍ଦୁ ପରିଷଦ ଓ ଗାୟତ୍ରୀ ପରିବାରର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ଏହି ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଉକ୍ତ ଧର୍ମ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଦୁଇ ଆଦିବାସୀ ପରିବାରର ସାତ ଜଣ ସହ ସ୍ଥାନିୟ ବାସିନ୍ଦା ଓ ବିଶ୍ୱ ହିନ୍ଦୁ ପରିଷଦ ଓ ଗାୟତ୍ରୀ ପରିବାରର ଶତାଧିକ ଲୋକେ ଯୋଗ ଦେଇଥିଲେ। ଶେଷରେ ସାମୂହିକ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇ ପରିବାର ଲୋଭ ମୋହ ର ବଶବର୍ତ୍ତୀ ହୋଇ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ ଓ ନିଜ ଇଚ୍ଛାନୁସାରେ ସ୍ୱଧର୍ମ ହିନ୍ଦୁଙ୍କୁ ଫେରିଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଫଲସାମାଲ ଠାରେ ବିଜୁ ଜନତା ଦଳ ତରଫରୁ ଜନସଂପର୍କ ପଦଯାତ୍ରା

ବଲାଙ୍ଗୀର,୨୬/୧୦(ନି/ପ୍ର):ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଆଭ୍ୟନ୍ତରୀଣ ଫଲସାମାଲ ଠାରେ ବିଜୁ ଜନତା ଦଳ ତରଫରୁ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ନିର୍ମିତ ନୂତନ ଆଦିବାସୀ ଭବନ ଉଦଘାଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ନବନିର୍ମିତ ଆଦିବାସୀ ଭବନର ଉଦଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେ ଏହି ଭବନ ଆଦିବାସୀ ଭାଇ ଭଉଣୀମାନଙ୍କ ବିକାଶ ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏଥିସହିତ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ସମଗ୍ର ଆଦିବାସୀ ସମାଜ ଏକଜୁଟ ହୋଇ ସଂଗ୍ରାମ କରିବାର ସମୟ ଆସିଛି ବୋଲି ସୂଚନା ଦେବା ସହିତ ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ଉପରେ ବିଶୋଦଗାର କରିଥିଲେ। ସମ୍ମାନିତ ଅତିଥି ଭାବେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଯୋଗଦେଇ ଆଦିବାସୀଙ୍କ ଜମି ଜଙ୍ଗଲ ତଥା ଖଣି ଖାଦାନ ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବାରୁ ତାହାର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହିତ ଦୀର୍ଘକାଳୀନ ସଂଗ୍ରାମର ଆବଶ୍ୟକତା ରହିଥିବା ନେଇ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜନ କରାଯିବା ସହିତ ମା’ ବିନ୍ଧ୍ୟବାସିନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀ ନେତା କୈଳାସ ବାରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ସରଗାଡ ସରପଂଚ ସରୋଜ ବେହେରା, ସମିତି ସଭ୍ୟ ମିଶ୍ର ବରିହା, ଭକ୍ତ ବରିହା, ରଘୁମଣି ମିର୍ଦ୍ଧା, ଜଙ୍ଗଲ ଅଧିକାର କମିଟି ସମ୍ପାଦକ ତଥା ଆଦିବାସୀ ନେତା ଚୈତନ୍ୟ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ସ୍କୁଲ ପରିସରରେ ଥିବା ଅବ୍ୟାହୃତ ବସକୁ ପୋଡ଼ିଦେଲେ ଦୁର୍ବୃତ



ଉମରକୋଟ,୨୬/୧୦(ନି/ପ୍ର): ନବରଙ୍ଗପୁରଜିଲ୍ଲା ଉମରକୋଟ ଡି ଏନ୍ କେ ସ୍ଥିତ ପୀ ଏମ୍ ଶ୍ରୀ ସରକାରୀ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟ ସ୍କୁଲ ପରିସରରେ ଥିବା ଏକ ଅବ୍ୟବହୃତ ସ୍କୁଲ ବସ୍‌ରେ କେହି ଜଣେ ଦୁର୍ବୃତ ନିଆଁଲଗାଇ ଦେଇଛନ୍ତି । ବସ୍‌ଟି ଦୀର୍ଘ ବର୍ଷ ହେଲା ବ୍ୟବହାରରେ ଆସୁନଥିଲା। ତେବେ କେହି ଜଣେ ଦୁର୍ବୃତ ବସ୍‌ଟିରେ ନିଆଁ ଲଗାଇ ଦେବା ପରେ ବସଟି ହୁତୁହୁତୁ ହୋଇ ଜଳିବା ଆରମ୍ଭ ହେଇଥିଲା। ଏହାକୁ ଦେଖି କିଛି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଚିଂ ନିଆଁକୁ ଆୟନ୍ତ କରିଥିଲେ। ତେବେ ବସ୍‌ରେ କିପରି ନିଆଁ ଲାଗିଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। କେହି ଦୁର୍ବୃତ ଜାଣିଶୁଣି ବସ୍‌ରେ ନିଆଁ ଲଗାଇ ଦେଇଥିବା ନେଇ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ତଦନ୍ତ ପରେ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ । ବର୍ତ୍ତମାନ ଯାଏ କେହି ଥାନାରେ ଲିଖିତ ଅଭିଯୋଗ କରିନଥିବା ଜଣାପଡ଼ିଛି।

# ଧାମନଗର ବଜାରରେ ଟ୍ରାଫିକ୍ ଯନ୍ତ୍ରଣା :
## ଜବରଦଖଲ ଓ ବେଆଇନ ପାର୍କିଂରୁ ଯାତାୟାତ ବାଧାପ୍ରାପ୍ତ

ଭଦ୍ରକ,୨୬/୧୦(ନି/ପ୍ର): ଏହି ଜିଲାର ଧାମନଗର ବଜାରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି। ବାସନ୍ତୀ ଦୁର୍ଗା ମଣ୍ଡପଠାରୁ ବଡ଼ବଜାର, ଥାନା ଛକ, ହାଟ ଦେଇ ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନ ଓ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। ଫାଷ୍ଟଫୁଡ୍ ଓ ଅନ୍ୟ ଖାଦ୍ୟ ଦୋକାନ ନିକଟରେ ଗାଡ଼ି ରଖି ଖାଦ୍ୟ ଖାଉଥିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ଫଳରେ ଭଦ୍ରକରୁ ଷେଣ୍ଡପୁର ଯାତାୟାତ କରୁଥିବା ବସ୍, ଟ୍ରକ୍ ସମେତ ଅନ୍ୟ ଯାନବାହନ ଜାମ୍‌ରେ ଫସି ରହୁଛନ୍ତି। ରବିବାର ଓ ବୁଧବାର ହାଟବାର ହୋଇଥିବାରୁ ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାରରେ ଭିଡ଼ ଲାଗି ରହୁଛି। ଏଥିଯୋଗୁଁ ପଥଚାରୀଙ୍କ ଯାତାୟାତ ମଧ୍ୟ କଷ୍ଟକର ହେଉଛି। ପୂର୍ବରୁ ତତ୍କାଳୀନ ତହସିଲଦାର ରମେଶ ଜେନାଙ୍କ ଉଦ୍ୟମରେ ବଜାରରେ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏଥିସହ ଆର ଆଣ୍ଡ ବି ବିଭାଗ ପକ୍ଷରୁ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇ ଖୁଂଟ ପୋତାଯାଇଥିଲା। ମାତ୍ର କିଛି ବର୍ଷ ମଧ୍ୟରେ ଖୁଂଟଗୁଡ଼ିକ ଭାଙ୍ଗିଯିବା ପରେ ପୁନର୍ବାର ଜବରଦଖଲ ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଘର ଓ ଦୋକାନ ନିର୍ମାଣ ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଜବରଦଖଲ ନିୟନ୍ତ୍ରଣ, ଉଠାଦୋକାନ ସ୍ଥାନାନ୍ତର ଓ ବେଆଇନ ନିର୍ମାଣ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ। ମାଷ୍ଟର ପ୍ଲାନ୍ ନଥିବା ଏବଂ ରାସ୍ତା ଉପରେ ପାର୍କିଂ ନିୟନ୍ତ୍ରଣ ହେଉନଥିବାରୁ ସମସ୍ୟା ଜଟିଳ ହେଉଛି। ତେଣୁ ଧାମନଗର ବଜାରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଏନଏସି ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ କୁହନ୍ତି ପ୍ରଥମଥର ଉଠା ଦୋକାନୀଙ୍କୁ ନୋଟିସ୍ ଦିଆଯାଇଛି। ୨ୟ ଥର ନୋଟିସ୍ ପ୍ରଦାନ କରାଯିବା ପରେ ଉଠା ଦୋକାନୀ ନାଗଲେ ତାଙ୍କ ଉପରେ ଜୋରିମାନା କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

# ବିବିଧା

## ଆଜିର ରାଶିଫଳ

ମେଷ: ବରିଷ୍ଠ ଅଧିକାରୀ କାର୍ଯ୍ୟରେ ଖୁସି ହେବେ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ । କଥାରେ ମଧୁରତା ରଖିବେ ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

ମିଥୁନ: ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

କର୍କଟ: ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

ସିଂହ: ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । ବ୍ୟବସାୟରେ ଲାଭ ହେବ ।

କନ୍ୟା: ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

ତୁଳା: ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

ବିଛା: ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

ଧନୁ: ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

ମକର: ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

କୁମ୍ଭ: ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

ମୀନ: ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୮୬୩- ଫୁଟବଲ୍ ଆସୋସିଏସନ୍‌ର ଗଠନ ଲଣ୍ଡନରେ ହୋଇଥିଲା ।
- ୧୯୫୧- ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ବ୍ରିଟେନର ପ୍ରଧାନମନ୍ତ୍ରୀ ହେଲେ ।
- ୧୯୬୨- ଚୀନ୍‌ରେ ପ୍ରଥମ ଥର ପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଗଲା ।
- ୧୯୯୯-ସର୍ବୋଚ୍ଚ ନ୍ୟାୟାଳୟ ଆଜୀବନ କାରାଦଣ୍ଡ ଅବଧି ୧୪ ବର୍ଷ କରିଲେ ।
- ୨୦୧୨- ମିଆଁମାରରେ ହିଂସା କାରଣରୁ ୬୪ ଲୋକଙ୍କ ମୃତ୍ୟୁ ।।

## ଆସିବ 'ଜେଲର୍ ୩'



ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ୍-କମେଡି ଚଳଚ୍ଚିତ୍ର 'ଜେଲର୍ ୨' ବକ୍ସ ଅଫିସ୍‌ରେ ଧମାକା କରୁଛି । ନେଲସନ୍ ଦିଲୀପକୁମାରଙ୍କ ନିର୍ଦ୍ଦେଶିତ ଏହି ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାରେ ସଫଳ ହୋଇଛି । ହେଲେ 'ଜେଲର୍ ୨'ର ଶେଷ ଭାଗରେ 'ଜେଲର୍ ୩' ଆସିବା ନେଇ ସୂଚନା ଦିଆଯାଇଛି ବୋଲି ସାମାଜିକ ଗଣମାଧ୍ୟମରେ ଏବେ ଜୋରଦାର ଚର୍ଚ୍ଚା ହେଉଛି । ଚଳଚ୍ଚିତ୍ରର ଶେଷ ଭାଗରେ ଏକ ବଡ଼ ଧରଣର ମୋଡ଼ ଦେଖିବାକୁ ମିଳିଛି, ଯାହା ଆଗାମୀ କାହାଣୀର ସୂଚନା ଦେଉଥିବା କୁହାଯାଉଛି । କାହାଣୀ ଅନୁଯାୟୀ, ନିଜ ପୁଅର ମୃତ୍ୟୁ ଅପରାଧରେ ଟାଇଗର ମୁଥୁବେଲ ପାଣ୍ଡିଆନ (ରଜନୀକାନ୍ତ)ଙ୍କୁ ପୋଲିସ ଗିରଫ କରି ନେଇଯାଉଛି । ଠିକ୍ ସେହି ସମୟରେ ପୋଲିସ ଜିପ୍ ଭିତରେ ଏକ କଲ୍ ଆସୁଛି । ଏହି କଲ୍‌ଟି ହେଉଛି 'କାନ୍ହା'ଙ୍କର । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଟାଇଗର ଏବଂ କାନ୍ହାଙ୍କ ମଧ୍ୟରେ ଯେଉଁ ପୋଲିସ ଅଫିସର ଜଣକ ସୂତ୍ରଧର ସାଜି ଫୋନ ବଢ଼ାଇ ଦେଉଛନ୍ତି, ସେ ହେଉଛନ୍ତି ବିଜୟ ସେତୁପତି । ଏହି ଗୋଟିଏ ଦୃଶ୍ୟ ହିଁ ସ୍ପଷ୍ଟ କରିଦେଇଛି ଯେ, 'ଜେଲର୍ ୩'ର କାହାଣୀ ପ୍ରସ୍ତୁତ ହୋଇ ସାରିଛି । ଯଦିଓ ସନ୍ ପିକ୍ଚର୍ସ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରାଯାଇନାହିଁ, ତଥାପି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ଜେଲର୍' ସିରିଜ୍‌ର ତୃତୀୟ ଫିଲ୍ମ ଭାରତୀୟ ସିନେମାର ସବୁଠାରୁ ବଡ଼ ମଲ୍ଟିଷ୍ଟାରର ଫିଲ୍ମ ହେବାକୁ ଯାଉଛି । ନେଲସନ୍ ଦିଲୀପକୁମାର ବର୍ତ୍ତମାନ କାହାଣୀକୁ ଅଧିକ ଦମଦାର କରିବାରେ ଲାଗିଛନ୍ତି । ଚଳଚ୍ଚିତ୍ରର ପ୍ରିପ୍ରଡକ୍ସନ୍ କାମ ଏବଂ କଳାକାରମାନଙ୍କର ଡେଟ୍‌ସକୁ ଦୃଷ୍ଟିରେ ରଖି ଏହାର ମୁଖ୍ୟ ସୁଟିଂ ୨୦୨୮ ମସିହା ପ୍ରାରମ୍ଭରେ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି । 'ଜେଲର୍ ୨'ର କ୍ରେଜ୍ ଦେଖିବା ପରେ ଏହା ସୁନିଶ୍ଚିତ ଯେ, ଯେତେବେଳେ 'ଜେଲର୍ ୩' ପରଦାକୁ ଆସିବ, ତାହା ବକ୍ସ ଅଫିସ୍‌ର ସମସ୍ତ ରେକର୍ଡ ଭାଙ୍ଗିବାର କ୍ଷମତା ରଖିବ ।

## ସକାଳ ଔଷଧ ରାତିରେ ଖାଉଥିଲେ...

ଯଦି କେହି ସକାଳ ଔଷଧ ଖାଇବାକୁ ଭୁଲିଯାଇଥାନ୍ତି କିମ୍ବା ମନେ ନ ଥାଏ, ତେବେ ସେ ଏକକାଳୀନ ସକାଳ ଓ ସନ୍ଧ୍ୟା ଔଷଧ ଖାଇଥାନ୍ତି । ଅବଶ୍ୟ ଅନେକ ଲୋକ ଏମିତି କରନ୍ତି । ତେବେ ଡବଲ ଡୋଜ୍ କେତେ ଦୂର ସ୍ୱାସ୍ଥ୍ୟ ପାଇଁ ଠିକ୍, ସେସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ଗାଜିଆବାଦର ଜିଲ୍ଲା ଏମଏମଜି ହସ୍‌ପିଟାଲର ଫାର୍ମାସି ବିଭାଗର ନରେନ୍ଦ୍ର ଶର୍ମା କହନ୍ତି, ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ଏକକାଳୀନ ଦୁଇଟି ଔଷଧ ସନ୍ଧ୍ୟାରେ ଖାଇବା କ୍ଷତିକାରକ । ଔଷଧ ହିସାବ ସମାନ କରିବା ଚକ୍କରରେ ଡବଲ ଡୋଜ୍ ନେବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ । ମୁଖ୍ୟତଃ ରକ୍ତଚାପ, ମଧୁମେହ, ବ୍ଲଡ୍ ଥିନର୍ ଭଳି ଔଷଧ ଦିନରେ ଦୁଇଥର ଖାଇବାକୁ ପଡ଼ିଥାଏ । ତେବେ ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ସନ୍ଧ୍ୟାରେ ଡବଲ ଡୋଜ୍ ନେଲେ ଅଚାନକ ରକ୍ତରେ ଶର୍କରା କମିପାରେ । ଏପରିକି ରକ୍ତଚାପ କମ୍, ବେଶି ମଧ୍ୟ ହୋଇପାରେ । କେବଳ ସେତିକି ନୁହେଁ, ଏହା ଯୋଗୁଁ ମୁଣ୍ଡ ବୁଲାଇବା, ଚେତା ହରାଇବା ସମସ୍ୟା ବି ଦେଖା ଦେଇପାରେ । ସେହିପରି ରକ୍ତ ପତଳା କରିବା ଔଷଧ ଏକକାଳୀନ ଦୁଇଥର ଖାଇବା ଦ୍ୱାରା ଇଣ୍ଟରନାଲ ବ୍ଲିଡିଂ ହୋଇପାରେ । ଏହାବାଦ୍ କିଛି ମାମଲାରେ ଡବଲ ଡୋଜ୍ ନେବା ଦ୍ୱାରା ତୁରନ୍ତ ପ୍ରତିକ୍ରିୟା ଦେଖାଯାଇଥାଏ । ଏହାଦ୍ୱାରା ପେଟ ଯନ୍ତ୍ରଣା, ବାନ୍ତି ଭଳି ସମସ୍ୟା ଦେଖା ଦେଇପାରେ । ଏକାଥରେ ଅଧିକ ଔଷଧ ଖାଇଲେ ଲିଭର ଓ କିଡ୍‌ନୀ ଉପରେ ବି ପ୍ରଭାବ ପଡ଼ିଥାଏ । ଏହାସହ ଟକ୍ସିସିଟିର ବିପଦ ବଢ଼ିବା ଆଶଙ୍କା ଥାଏ । ତେବେ ଔଷଧ ଖାଇବାକୁ ଭୁଲିଯାଇଥିଲେ ସନ୍ଧ୍ୟାରେ କେବଳ ଗୋଟିଏ ଔଷଧ ଖାଇବା ଉଚିତ । ତା'ସହ ଲୋକଙ୍କୁ ଔଷଧ ଖାଇବାର ସମୟ ସ୍ଥିର କରିବା ଦରକାର । ଅଲଗା ଅଲଗା ସମୟର ଔଷଧକୁ ଏକକାଳୀନ ଖାଇବା ଆଦୌ ଉଚିତ ନୁହେଁ ।



## ଆଜି ଆସିଥିଲେ

### ପଣ୍ଡିତ ଗୋଦାବରୀଶ ମିଶ୍ର



ଉତ୍କଳ ଭୂମିକୁ ଯେଉଁ କେତେଜଣ ମନୀଷୀ ନିଜ ଚିନ୍ତାଧାରା ଓ କର୍ମଦ୍ୱାରା ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ସତ୍ୟବାଦୀ ଯୁଗର ପଞ୍ଚସଖା ଅନ୍ୟତମ । ଏହି ପଞ୍ଚସଖାଙ୍କ ଭିତରୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ସେ କେବଳ ଜଣେ କବି ବା ଲେଖକ ନ ଥିଲେ; ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ଓ ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା । ତାଙ୍କ ଜୀବନ କାହାଣୀ ତ୍ୟାଗ ଓ ଦେଶପ୍ରେମର ଏକ ଜ୍ୱଳନ୍ତ ଉଦାହରଣ । ଗୋଦାବରୀଶ ୧୮୮୬ ମସିହା ଆଜିର ଦିନରେ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ସେ ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରୁ ଜଣେ । ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାକୁ ସେ ଜୀବନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିଲେ ଏବଂ ଆଜୀବନ ଜନସେବକ ଭାବେ କାର୍ଯ୍ୟ କରିଥିଲେ । ଗାନ୍ଧୀ ଓ ସୁଭାଷ, ଉଭୟ ଥିଲେ ତାଙ୍କ ଆଦର୍ଶ । ସତ୍ୟବାଦୀ ବନ ବିଦ୍ୟାଳୟରୁ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା । ପରେ ସ୍ୱେଚ୍ଛାକୃତ ଭାବେ ଶିକ୍ଷକ ଜୀବନରୁ ଅବସର ନେବା ପରେ ସେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇଥିଲେ । ଏହା ଥିଲା ତାଙ୍କ ରାଜନୈତିକ ଜୀବନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଏହି ସମୟରେ ତାଙ୍କ ଉଦ୍ୟମରେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ସ୍ଥାପନ ହୋଇଥିଲା । ବ୍ୟାସକବି ଫକୀରମୋହନଙ୍କଠାରୁ ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖାଯିବା ଆରମ୍ଭ ହୋଇଥିଲା । ଏହାପରେ ପରେ ଲେଖା ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଲାଳିତ୍ୟ ଦୃଷ୍ଟିରୁ ଏହା ଏକ ସମୃଦ୍ଧ ଆତ୍ମଚରିତ । ଏହି ପୁସ୍ତକ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ । ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି । ସରଳ, ସାବଲୀଳ ଭାଷା ଓ ସୁନ୍ଦର ଶବ୍ଦ ସଂଯୋଜନା ତାଙ୍କ କାବ୍ୟ କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା । 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ପରି କାଳଜୟୀ ନାଟକଗୁଡ଼ିକରେ ପ୍ରମାଣ ମିଳେ ତାଙ୍କର ଅନନ୍ୟ ଜାତୀୟତାବାଦ ଓ ଆତ୍ମତ୍ୟାଗର ଗାଥା । ସେ ସାମାଜିକ ସଂସ୍କାରଧର୍ମୀ, ପାରିବାରିକ ସମସ୍ୟାମୂଳକ, ପ୍ରଣୟ ଆଧାରିତ, ରାଜନୈତିକ ଚେତନାଧର୍ମୀ ଗଳ୍ପ ରଚନା କରି ସମୃଦ୍ଧ କରିଥିଲେ ଓଡ଼ିଆ ସାହିତ୍ୟକୁ । ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ଦେହାନ୍ତ ହୋଇଥିଲା ।

## ସ୍ୱସ୍ତି

## ଏକାଦଶୀରେ ଦାନ



**ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ ପୂଜା ଓ ବ୍ରତ ରଖାଯାଏ । ଶ୍ରଦ୍ଧା ଅନୁସାରେ ଉକ୍ତ ଦିନ ପୂଜା ପାଠ କରାଯାଏ । ତା'ସହ ଅସହାୟ ଲୋକଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ଅନ୍ନ, ବସ୍ତ୍ର, ଅନ୍ୟ ଉପଯୋଗୀ ଜିନିଷ ଦାନ କରାଯାଏ ।**

ହିନ୍ଦୁ ଧାର୍ମିକ ପରମ୍ପରାରେ, ଅନ୍ନ ଖାଇବାକୁ ଏକାଦଶୀରେ ବାରଣ କରାଯାଏ । ଅନେକ ବ୍ରତଧାରୀ ଏହି ଦିନ ଅନ୍ନ ଏବଂ ଅନ୍ନ ତିଆରି ଜିନିଷ କିଛି ଖାଇ ନ ଥାନ୍ତି । ଏକାଦଶୀ ଦିନରେ ଅନ୍ନଦାନକୁ ନେଇ ସମସ୍ତ ହିନ୍ଦୁ ପରମ୍ପରାରେ ସମାନ ନିୟମ ନାହିଁ । କିଛି ଲୋକ ଏକାଦଶୀରେ ଡାଲି, ଫଳ ଏବଂ ଶସ୍ୟରୁ ତିଆରି ଖାଦ୍ୟ ଖାଇଥାନ୍ତି । ଆଉ କିଛି ଲୋକ ଏହି ଦିନ ଦରିଦ୍ର ଅସହାୟ ଲୋକଙ୍କୁ ଅନ୍ନଦାନ କରିବାକୁ ପୁଣ୍ୟକାର୍ଯ୍ୟ ବୋଲି ଭାବନ୍ତି । ତେଣୁ ଏକାଦଶୀରେ ଚାଉଳ ଦାନ କରିବାକୁ ଚାହୁଁଥିଲେ, ପାରିବାରିକ ପରମ୍ପରା ଓ ବ୍ରତ ନିୟମ ଅନୁସାରେ ନିର୍ଣ୍ଣୟ ନେଇପାରିବେ ।

ତେବେ ଏହିଦିନ ଅନ୍ନଦାନ କରିବାକୁ ଚାହୁଁଥିଲେ ସାମର୍ଥ୍ୟ ଅନୁସାରେ, ଗହମ, ଡାଲି, ଫଳ, ଦୁଗ୍ଧ ଅସହାୟଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିପାରିବେ । ଏହାବ୍ୟତୀତ ଗରିବ ଲୋକଙ୍କୁ ବସ୍ତ୍ର ଓ ଅନ୍ୟ ଜରୁରି ଜିନିଷ ଦେବାକୁ ଶୁଭ ବୋଲି କୁହାଯାଏ । ଦାନ ସମୟରେ ବସ୍ତୁର ଉପଯୋଗିତା ଏବଂ ସ୍ୱଚ୍ଛତା ଉପରେ ଧ୍ୟାନ ରଖିବା ଉଚିତ । ସେହିପରି ଅନ୍ନ ଦାନର ଘରେ କୌଣସି ବିଶେଷ ପରମ୍ପରା ଥିଲେ ତାହାକୁ ପାଳନ କରିବା ଭଲ ।

## ପୁଣ୍ୟ ମାସ କାର୍ତ୍ତିକ



**ଆଜିଠୁ କାର୍ତ୍ତିକ ମାସ ଆରମ୍ଭ ହୋଇଛି । ହିନ୍ଦୁ ଧର୍ମରେ ଆଧ୍ୟାତ୍ମିକ ମାସ ଭାବେ ଏହାକୁ ବିବେଚନା କରାଯାଏ । ବର୍ଷର ସବୁ ମାସର କିଛି ମହତ୍ତ୍ୱ ଥିବା ବେଳେ ଧର୍ମ ମାସ ଭାବେ କାର୍ତ୍ତିକ ମାସର ବିଶେଷ ମହତ୍ତ୍ୱ ଅଛି । କୁହାଯାଏ, ଏହି ମାସର ପୁଣ୍ୟ ଅନ୍ୟ କୌଣସି ମାସରେ ନ ଥାଏ । ବର୍ଷ ଯାକର ପାପ ଏହି ଗୋଟିଏ ମାସରେ ଧୋଇ ହୋଇଯାଏ । ସମସ୍ତେ ଏହି ମାସକୁ ନିଷ୍ଠାର ସହ ପାଳନ କରନ୍ତି ।**

କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ଅଛି । ସନାତନ ଧର୍ମରେ କାର୍ତ୍ତିକ ମାସକୁ ସମ୍ପୂର୍ଣ୍ଣ ଭାବେ ଶୁଭ ବୋଲି କୁହାଯାଇଛି । ଏହି ମାସଟି ଶରତ ପୂର୍ଣ୍ଣିମାଠାରୁ ଆରମ୍ଭ କରି କୃତ୍ତିକା ନକ୍ଷତ୍ରଯୁକ୍ତ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସୂର୍ଯ୍ୟ ଯେତେବେଳେ ତାଙ୍କର ଦକ୍ଷିଣାୟନ ଆରମ୍ଭ କରନ୍ତି ଓ ତୁଳାରାଶିକୁ ପ୍ରବେଶ କରନ୍ତି, କାର୍ତ୍ତିକ ମାସ ଆରମ୍ଭ ହୁଏ ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ । ତା'ସହ ନିଜ ସାମର୍ଥ୍ୟ ଅନୁସାରେ ଜିନିଷ ଦାନ କରିବା ଶୁଭ । ପବିତ୍ର ନଦୀ ନଚେତ ଗାଧୋଇବା ଜଳରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ । ସେହିପରି ଏହି ମାସ ବ୍ରତ ଓ ସାଧନା ଲାଗି ବି ଖୁବ୍ ମହତ୍ତ୍ୱପୂର୍ଣ୍ଣ । କିଛି ଲୋକ ଶ୍ରଦ୍ଧା ଓ ସାମର୍ଥ୍ୟ ଅନୁସାରେ ବିଶେଷ ତିଥିରେ ବ୍ରତ ରଖନ୍ତି । କାର୍ତ୍ତିକ ମାସରେ ଦୀପଦାନ ଓ ଦୀପ ଜାଳିବାର ବିଶେଷ ପରମ୍ପରା ଅଛି । ମନ୍ଦିର, ଘର ତଥା ଜଳାଶୟ ଆଖପାଖରେ ଦୀପ ଜଳାଯାଏ । କିଛି ଲୋକ ପ୍ରତିଦିନ ଘରର ମୁଖ୍ୟ ଦ୍ୱାରରେ ଦୀପ ଜଳାନ୍ତି ।

ଅନ୍ୟପଟେ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ । ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି । କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି । ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି । ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି ।

## କର୍କଟ ରାଶିରେ କେତୁ ଗୋଚର

### ୬ ରାଶି ପାଇଁ ଶୁଭ

**ବୈଦିକ ଜ୍ୟୋତିଷରେ କେତୁଙ୍କୁ ମାୟାବୀ ଗ୍ରହ ବୋଲି କୁହାଯାଏ । ସେହିପରି କର୍କଟ ରାଶିରେ କେତୁ ଗୋଚର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଜ୍ୟୋତିଷୀୟ ଘଟଣା ବୋଲି କୁହାଯାଏ । ଡିସେମ୍ବର ୫ରୁ କେତୁ ଶତ୍ରୁ ରାଶି କର୍କଟକୁ ଗୋଚର କରିବେ । ୨୦୨୮ ଜୁନ୍ ୨୩ ପର୍ଯ୍ୟନ୍ତ ଏହି ରାଶିରେ ରହିବେ । ତେବେ କେତୁ ଗୋଚର ନକାରାତ୍ମକ ପ୍ରଭାବ ସହ ଜଡ଼ିତ ବୋଲି କୁହାଯାଏ । କେତୁ ସବୁବେଳେ ଖରାପ ପ୍ରଭାବ ଦିଅନ୍ତି । ହେଲେ କର୍କଟ ରାଶିରେ କେତୁ କିଛି ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବେ ଏବଂ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । କେଉଁ ରାଶି ପାଇଁ କର୍କଟ ରାଶିରେ କେତୁ ଗୋଚର ଶୁଭ, ଜାଣିବା ସେ ସମ୍ପର୍କରେ ।**

ବୃଷ: କେତୁ ଗୋଚର ବୃଷ ରାଶି ପାଇଁ ଶୁଭ ଓ ଅତ୍ୟନ୍ତ ଲାଭକାରୀ ହେବ । ଜୀବନରେ ଆକସ୍ମିକ ସକାରାତ୍ମକ ପରିବର୍ତ୍ତନ ଆସିବ । ଅଚାନକ ଧନ ଲାଭ ହେବ । ଆୟର ନୂଆ ପଥ ଉନ୍ମୁକ୍ତ ହେବ । କୌଣସି ପୁରୁଣା କାମରେ ସଫଳତା ମିଳିପାରେ ।

ମିଥୁନ: ମିଥୁନ ରାଶି ଲାଗି ଏହି ଗୋଚର ଭଲ ସମୟ । ଚାକିରିରେ ଉନ୍ନତି ପରିଲକ୍ଷିତ ହେବ । ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ । ନିଜ ଲୋକଙ୍କ ସହଯୋଗ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଆଗକୁ ଯିବାର ନୂଆ ଅବସର ଜୁଟିବ । ଯାତ୍ରା ଲାଭକାରୀ ହେବ ।

କନ୍ୟା: କେତୁ ଗୋର ଯୋଗୁଁ କନ୍ୟା ରାଶି ବ୍ୟକ୍ତିଙ୍କର ଆକସ୍ମିକ ଧନ ଲାଭ ହେବ । ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଅଟକି ଥିବା କାର୍ଯ୍ୟ ପୂରା ହେବ । ସାମାଜିକ ମାନ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟରେ ସଫଳତା ମିଳିବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସଫଳ ରହିବେ । ନିବେଶ ଲାଗି ଉତ୍ତମ ସମୟ ।

ତୁଳା: କେତୁ ଗୋଚର ତୁଳା ରାଶି ପାଇଁ ଲାଭକାରୀ । ବ୍ୟକ୍ତିତ୍ୱ ବିକାଶ ହେବ । ମାନସିକ ଶାନ୍ତି ମିଳିବ । ପରିବାର ସଦସ୍ୟ ମଧ୍ୟରେ ତାଳମେଳ ରହିବ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଆୟରେ ଉନ୍ନତି ହେବ ।

ମକର: ମକର ରାଶି ପାଇଁ କେତୁ ଗୋଚର ଶୁଭ ଫଳ ପ୍ରଦାନ କରିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ମାନସିକ ଶାନ୍ତି ମିଳିବ । କୋର୍ଟ କଚେରୀ ମାମଲାରେ ବିଜୟଲାଭ କରିବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଚାକିରିରେ ପରିବର୍ତ୍ତନ ଆସିବ ।

କୁମ୍ଭ: କୁମ୍ଭ ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କେତୁ ଗୋଚର ଲାଭକାରୀ ହେବ । ପ୍ରଭାବଶାଳୀ ଲୋକଙ୍କ ସହିତ ଦେଖାସାକ୍ଷାତ ହେବ । ଚାକିରି ଓ ବ୍ୟବସାୟରେ ଲାଭ ହେବ । ଜୀବନସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରିବେ । ରୋଜଗାରରେ ଆଗକୁ ବଢ଼ିବାରେ ଉତ୍ତମ ଅବସର ଜୁଟିବ । ଅଚାନକ ଧନ ବୃଦ୍ଧି ହେବ । କୌଣସି ଭଲ ଖବରରେ ମନ ପ୍ରସନ୍ନ ରହିବ ।

## ବାପଘରୁ ଝିଅକୁ ଦିଅନ୍ତୁ ନାହିଁ ଏହି ଜିନିଷ

**ବାସ୍ତୁ ଶାସ୍ତ୍ର ଅନୁସାରେ, ବାପଘରୁ ଝିଅକୁ କିଛି ଜିନିଷ ଉପହାର ସ୍ୱରୂପ ଦେବା ଅନୁଚିତ । କେଉଁ ଜିନିଷ ଜଣେ ବିବାହିତା ମହିଳା ନିଜ ବାପଘରୁ ନେବା ଠିକ୍ ନୁହେଁ, ଜାଣିବା ସେ ସମ୍ପର୍କରେ ।**

- ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ, ବିବାହିତା ଝିଅକୁ ବାପ ଘରୁ ଛୁରି, କଇଁଚି କିମ୍ବା ଅନ୍ୟ କୌଣସି ଧାରୁଆ ଜିନିଷ ଉପହାରରେ ଦେବା ଅନୁଚିତ । ଏଭଳି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ତିକ୍ତତା ଦେଖାଦିଏ ।
- ଧାରୁଆ ଜିନିଷ ବ୍ୟତୀତ ଆଚାର ଦେବା ଅନୁଚିତ । ଆଚାରର ଖଟାପଣ ଏବଂ ଏହାର ସମ୍ବନ୍ଧ ବାସ୍ତୁରେ ଶନିଙ୍କ ଶକ୍ତି ସହିତ ଜଡ଼ିତ । ଯାହାକି ସମ୍ପର୍କରେ ଦୂରତ୍ୱ ସୃଷ୍ଟିର କାରଣ ବୋଲି ବିବେଚନା କରାଯାଏ ।
- ସେହିପରି ବିବାହିତା କନ୍ୟାକୁ ଉପହାରରେ ବାପ ଘରୁ କଣ୍ଟାଯୁକ୍ତ ଗଛ ଦେବା ବାସ୍ତୁ ସମ୍ମତ ନୁହେଁ । ବର୍ତ୍ତମାନ ଘର ସଜାଇବା ଲାଗି ଏଭଳି ଉପହାର ଟ୍ରେଣ୍ଡରେ ଥିଲେ ହେଁ ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ କାକଟସ୍ ଗଛ ଦେବା ଭଲ ନୁହେଁ ।
- ଉପହାରରେ ବିବାହିତା ଝିଅକୁ କଳା ରଙ୍ଗ ପୋଷାକ ଦେବା ବାସ୍ତୁ ଦୃଷ୍ଟିରୁ ଅନୁଚିତ । ଏହି ରଙ୍ଗ ଅନେକ ସମୟରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ । ସମ୍ପର୍କରେ ଦୂରତ୍ୱର କାରଣ ହୋଇଥାଏ ।
- ବିବାହିତା ଝିଅକୁ ଗ୍ୟାସ୍ ଚୁଲା ଦିଅନ୍ତୁ ନାହିଁ । କୌଣସି ଜ୍ୱଳନଶୀଳ ଜିନିଷ ଉପହାରରେ ଦେବା ଅନୁଚିତ ।



ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୭ ଅକ୍ଟୋବର ୨୦୨୬

# ରହସ୍ୟର ଖିଅ

ଜିମ୍ବାର୍ଡୋ ଏହାଦ୍ୱାରା ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ମନୁଷ୍ୟର ମୌଳିକ ଚରିତ୍ର ଅନୁସାରେ ଯେ କୌଣସି ଲୋକଙ୍କୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ନିରଙ୍କୁଶ କ୍ଷମତା ପ୍ରଦାନ କରାଯାଏ, ତା'ର ଆଚରଣ ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପର ନିର୍ମମ ଗାର୍ଡମାନଙ୍କ ଭଳି ହୋଇଯିବ । ଏହାକୁ ପ୍ରତିହତ କରିବାର ଏକମାତ୍ର ଉପାୟ ହେଉଛି କ୍ଷମତାରେ ଅଙ୍କୁଶ ଲଗାଇବା । ବର୍ତ୍ତମାନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଚାଂଚଲ୍ୟ ସୃଷ୍ଟି କରିଥିବା ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନାବାହିନୀ ଅଫିସର୍ ଓ ତାଙ୍କ ବାନ୍ଧବୀ ସମ୍ମୁଖୀନ ହୋଇଥିବା ପୁଲିସ ଦ୍ୱାରା ନିର୍ଯାତନାର ଅଭିଯୋଗ ('ବିବିସି'ର ୱେବ୍‌ସାଇଟ୍‌ରେ ଏ ଘଟଣାର ଏକ ଲୋମହର୍ଷଣକାରୀ ବର୍ଣ୍ଣନା ପ୍ରସାରିତ ହୋଇଛି) ପଛରେ ନିହିତ ଥିବା କାରଣ ବୁଝିବା ପାଇଁ ବର୍ତ୍ତମାନ ଏକ ଉପଯୋଗୀ ଖିଅ ଜନସାଧାରଣଙ୍କ ସମ୍ମୁଖରେ ଉପଲବ୍ଧ ହୋଇଛି । ଏହି ଖିଅଟି ହେଉଛି ଗତ ଶୁକ୍ରବାର ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ସେମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ବର୍ଣ୍ଣନା କରିଥିବା ଏକ ପୁଲିସ ଥାନାରେ ତାଙ୍କ ନିଜର ଏକ ଅପେକ୍ଷାକୃତ ତାଜା ଅନୁଭୂତି । ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କର ଏହି ବର୍ଣ୍ଣନା ଅନୁସାରେ ସେ ମୁଖ୍ୟମନ୍ତ୍ରୀ ରୂପେ ଆସୀନ ହେବାର ମାତ୍ର ପ୍ରାୟ ମାସକ ପୂର୍ବେ ସେ ପିଇବା ପାଣି ଅଭାବ ବିରୁଦ୍ଧରେ ଆନ୍ଦୋଳନର ଅଂଶ ସ୍ୱରୂପ ଘଟିଥିବା ରାସ୍ତା ଅବରୋଧର ସମାଧାନ ନିମିନ୍ତ ସ୍ଥାନୀୟ ଥାନାରେ ପହଂଚିଥିଲେ । ସେତେବେଳେ ସେ ଜଣେ ବିଧାୟକ ଥିବା ସହିତ ଆସନ୍ନ ବିଧାନସଭା ନିର୍ବାଚନରେ ମଧ୍ୟ ଜଣେ ପ୍ରାର୍ଥୀ ଥିଲେ । ଥାନାବାବୁ ଜଣକ କିନ୍ତୁ ଏଥି ସନ୍ଦେ ଶ୍ରୀଯୁକ୍ତ ମାଝୀଙ୍କୁ ଥାନା ପରିସରରୁ ବାହାରି ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିର୍ଦ୍ଦେଶ ପାଳନ ନ କଲେ ତାଙ୍କୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ । ଥାନାବାବୁଙ୍କର ଏତାଦୃଶ ଆଚରଣ ବିରୋଧରେ ପ୍ରତିବାଦ ସ୍ୱରୂପ ବିଧାୟକ ଶ୍ରୀଯୁକ୍ତ ମାଝୀ ଥାନା ବାହାରେ ଧାରଣାରେ ବସିଥିଲେ । ଭରତପୁର ଥାନାରେ ଅଭିଯୋଗ କରିବାକୁ ଯାଇ ସେନାବାହିନୀ ଅଫିସର୍ ଓ ତାଙ୍କର ବାନ୍ଧବୀ ପୁଲିସ ତରଫରୁ ଯେଉଁଭଳି ଆଚରଣର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି, ତାହା ଯେ ବିଧାୟକ ମାଝୀଙ୍କର ସେଇ ଅନୁଭୂତିର ଏକ ତୀବ୍ରତର ସଂସ୍କରଣ, ଏହା ଜଳଜଳ ହୋଇ ଦେଖାଯାଇଥାଏ । ଏ ଉଭୟ ଘଟଣାରେ କାରଣର ଯେଉଁ ସମାନ ଖିଅଟି ସ୍ପଷ୍ଟ ହୋଇ ଦେଖାଯାଇଥାଏ, ତାହା ହେଉଛି ପୁଲିସର ଆଚରଣ ସଂସ୍କୃତି । ଦୀର୍ଘ ପ୍ରାୟ ଚଉଠ ଶତାବ୍ଦୀ ଧରି ପରିପୁଷ୍ଟ ହୋଇଥିବା ଏହି ସଂସ୍କୃତି ଶ୍ରୀଯୁକ୍ତ ମାଝୀଙ୍କର ମାତ୍ର ପ୍ରାୟ ତିନି ମାସର ଶାସନ କାଳରେ ବଦଳିଯିବା ସମ୍ଭବ ନୁହେଁ । ବିଧାୟକ ମାଝୀ ଯେଉଁ ସଂସ୍କୃତିର ଶିକାର ହୋଇଥିଲେ, ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ସେଇ ସଂସ୍କୃତିର ହିଁ ଶିକାର ହୋଇଛନ୍ତି । ଏହି ସଂସ୍କୃତିଟି କ'ଣ ? ଏହି ସଂସ୍କୃତି ହେଲା କ୍ଷମତାର ପୋଷାକ ବା ୟୁନିଫର୍ମ ପରିଧାନ କଲେ ସଂପୃକ୍ତ ବ୍ୟକ୍ତି କ୍ଷମତାନ୍ଧ ହୋଇ ମାନବିକତା ହରାଇଥାନ୍ତି । ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଏହି ସମ୍ବାଦପତ୍ରରେ ପ୍ରକାଶିତ 'ରୁଗ୍‌ଣ ମାନସିକତା' ଶୀର୍ଷକ ରଚନାରେ ବର୍ଣ୍ଣିତ ସ୍ତମ୍ଭକାରଙ୍କର ଏକ ଅନୁଭୂତି ଏଠାରେ ଉଲ୍ଲେଖଯୋଗ୍ୟ । ସେଥିରେ ସେ ଅନେକ ବର୍ଷ ତଳେ କାଶୀପୁରର ବିବାଦୀୟ ଆଲୁମିନିଅମ୍ କାରଖାନା ସଂପର୍କରେ ରିପୋଟିଙ୍ଗ୍ କରିବାକୁ ତାଙ୍କର ଜଣେ ମହିଳା ସହକର୍ମୀଙ୍କ ସହିତ ଯାଇଥିବା ବେଳେ ସଂପୃକ୍ତ କଂପାନି ଦ୍ୱାରା ନିୟୋଜିତ କେତେକ ଅସାମାଜିକ ଯୁବକମାନଙ୍କ ହାବୁଡ଼ରେ ପଡ଼ିଥିବା ଅନୁଭୂତି ବର୍ଣ୍ଣନା କରିଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ ସେ ଯୁବକମାନଙ୍କର ମୁକାବିଲା କରିବା ପୂର୍ବରୁ, ତାଙ୍କର ସେଇ ମହିଳା ସହକର୍ମୀଙ୍କର ପ୍ରଶ୍ନବାଣରେ ଘାଇଲା ହୋଇ ସେ ଅସାମାଜିକ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ । ଏଠାରେ ସ୍ତମ୍ଭକାରଙ୍କର ସେଇ ଅନୁଭୂତି ଉଲ୍ଲେଖ କରିବାର କାରଣ ହେଲା, ସେ ଓ ତାଙ୍କର ସେ ମହିଳା ସହକର୍ମୀ ସେଦିନ ଭାଗ୍ୟବାନ ଥିଲେ ଯେ ସେଠାରେ ସେମାନଙ୍କର ସେ ପ୍ରତିପକ୍ଷ ପୁଲିସର ୟୁନିଫର୍ମ ପିନ୍ଧି ନ ଥିଲେ ଏବଂ ସେମାନେ କେ ?ଣସି ଔପଚାରିକ ବଳ ପ୍ରୟୋଗକାରୀ କ୍ଷମତାର ଅଧିକାରୀ ନ ଥିଲେ । ଅନ୍ୟ ଉପରେ ବଳ ପ୍ରୟୋଗ କରିବାର ଔପଚାରିକ କ୍ଷମତା ଉପଭୋଗ କରୁଥିବା ପ୍ରତିପକ୍ଷଙ୍କୁ ଯେ ପ୍ରଶ୍ନବାଣରେ ଘାଇଲା କରିବା ସହଜ ନୁହେଁ, ତାହା ଭରତପୁର ଥାନା ଘଟଣାରେ ପ୍ରମାଣିତ ହୋଇଛି । ଏଭଳି କ୍ଷମତା କିଭଳି ସାଧାରଣ ମନୁଷ୍ୟଙ୍କୁ ରାକ୍ଷସରେ ପରିଣତ କରିଦେଇପାରେ, ତା'ର ଚରମ ଉଦାହରଣ ଦେଖିବାକୁ ମିଳିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ଦ୍ୱାରା ସୃଷ୍ଟ ଇହୁଦୀମାନଙ୍କର ଗଣହତ୍ୟା ପାଇଁ ଉଦ୍ଦିଷ୍ଟ ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପମାନଙ୍କରେ । ଏହି କ୍ୟାମ୍ପମାନଙ୍କରେ ମୃତ୍ୟୁକୁ ଅପେକ୍ଷା କରିଥିବା ବନ୍ଦୀମାନଙ୍କୁ ଜଗିବା ଦାୟିତ୍ୱ ନ୍ୟସ୍ତ ଥିଲା ହିଟ୍‌ଲରଙ୍କର କୁଖ୍ୟାତ 'ଏସ୍ ?ଏସ୍' ଗାର୍ଡମାନଙ୍କ ଉପରେ । କ୍ୟାମ୍ପ କର୍ତ୍ତୃପକ୍ଷ କିନ୍ତୁ ସେମାନଙ୍କର ଲୋକବଳ ଉପରେ ବୋଝ ହାଲୁକା କରିବା ପାଇଁ ଏକ ଚତୁର କୌଶଳ ଅବଲମ୍ବନ କରିଥିଲେ । ସେମାନେ ସେଇ ଇହୁଦୀ ବନ୍ଦୀମାନଙ୍କ ମଧ୍ୟରୁ କେତେକଙ୍କୁ ଚୟନ କରି ଅନ୍ୟ ବନ୍ଦୀମାନଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ସେମାନଙ୍କୁ ପ୍ରଦାନ କଲେ । ଦେଖାଗଲା ଏହି ସ୍ୱଜାତି ଜଗୁଆଳିମାନେ ବନ୍ଦୀମାନଙ୍କ ପ୍ରତି ଯେଉଁ ଆଚରଣ ପ୍ରଦର୍ଶନ କଲେ, ତାହା ନାତ୍‌ସି ଗାର୍ଡମାନେ ପ୍ରଦର୍ଶନ କରୁଥିବା ଆଚରଣ ଠାରୁ ବହୁଗୁଣ ଅଧିକ ନିଷ୍ଠୁର ଓ ବର୍ବର ଥିଲା । ସୂଚାଇବା ଅପ୍ରାସଙ୍ଗିକ ହେବ ନାହିଁ ଯେ 'କାପୋ' ନାମରେ ପରିଚିତ ଏହି ଇହୁଦୀ ଗାର୍ଡମାନେ ଉପଭୋଗ କରୁଥିବା ଏହି ବିଶେଷ କ୍ଷମତାର ପରିଚାୟକ ଥିଲା ସେମାନଙ୍କର ପୋଷାକରେ ଲାଗିଥିବା ଏକ ସବୁଜ ତ୍ରିଭୁଜର ଚିହ୍ନ- କ୍ଷମତାର ୟୁନିଫର୍ମ । ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପରେ ପରିଦୃଷ୍ଟ ଏହି ଅମାନୁଷିକ ବର୍ବରତା ବିଶ୍ୱଯୁଦ୍ଧ ପରେ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ଏପରି ଆନ୍ଦୋଳିତ କରିଥିଲା ଯେ ସେମାନେ ମନୁଷ୍ୟ ଚରିତ୍ରର ଏହି ରହସ୍ୟମୟ ଦିଗ ଉପରେ ବିଭିନ୍ନ ପରୀକ୍ଷାନିରୀକ୍ଷା ଚଳାଇ ଏହି ରହସ୍ୟର ଉନ୍ମୋଚନ କରିବାକୁ ଚେଷ୍ଟା କରିଥିଲେ । ସେମାନେ ଦେଖିବାକୁ ଚାହିଁଥିଲେ ଏକ ନିୟନ୍ତ୍ରିତ ପରିବେଶରେ ଜଣେ ସାଧାରଣ ବ୍ୟକ୍ତିଙ୍କୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ଅବାଧ କ୍ଷମତା ପ୍ରଦାନ କରାଯାଏ, ତା'ର ଚରିତ୍ର ଓ ଆଚରଣରେ କିଭଳି ପରିବର୍ତ୍ତନ ଘଟିବ । ବୋଧହୁଏ ଏହିଭଳି ଏକ ସର୍ବାଧିକ ପ୍ରସିଦ୍ଧ ପରୀକ୍ଷା ଆୟୋଜିତ ହୋଇଥିଲା ୧୯୭୧ରେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ମନୋବୈଜ୍ଞାନିକ ଫିଲିପ୍ ଜିମ୍ବାର୍ଡୋଙ୍କ ଦ୍ୱାରା ।

# ମନ୍ଥନ : ଆଧ୍ୟାତ୍ମିକ ଛାପ ନା ପ୍ଲାଷ୍ଟିକ ଚିହ୍ନ ?

## ଭାସ୍କର ପରିଚ୍ଛା

ତୀର୍ଥଯାତ୍ରା ସାଧାରଣତଃ ଆଧ୍ୟାତ୍ମିକ ଛାପଟିଏ ଛାଡ଼ିଯିବା କଥା, ପ୍ଲାଷ୍ଟିକର ଚିହ୍ନ ନୁହେଁ । କିନ୍ତୁ ଭାରତର ପବିତ୍ର ହିମାଳୟ ଏବେ ଧାର୍ମିକ ପର୍ଯ୍ୟଟନର ପରିବେଶଗତ ମୂଲ୍ୟ ଦେବା ଆରମ୍ଭ କରିଛି । ଏହା ଏକ ବିଡ଼ମ୍ବନା ବି ବାସ୍ତବତା ବି । ଲୋକେ ଶହ ଶହ କିଲୋମିଟର ଯାତ୍ରା କରୁଛନ୍ତି, ଅନେକ ସମୟରେ ଘଟାଂ ଘଟାଂ କିମ୍ବା ଦିନ ଦିନ ଚାଲି ଏହି ପବିତ୍ର ତୀର୍ଥରେ ପହଂଚୁଛନ୍ତି । କିନ୍ତୁ ପଛରେ ଛାଡ଼ି ଆସୁଛନ୍ତି ପ୍ଲାଷ୍ଟିକ ବୋତଲ, ଖାଦ୍ୟ ପ୍ୟାକେଟ, ବ୍ୟବହୃତ ପ୍ଲେଟ ଓ ଯାବତୀୟ ଆବର୍ଜନା ।କେଦାରନାଥ ନେଇ ସଦ୍ୟ ପ୍ରକାଶିତ ତଥ୍ୟ ଆମକୁ ସତର୍କ ଓ ବିଚଳିତ କରିବା କଥା । ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏହି ତୀର୍ଥକ୍ଷେତ୍ରରୁ ପ୍ରାୟ ୫୦ ଟନ୍ ଆବର୍ଜନା ସଂଗ୍ରହ କରାଯାଇଛି । ୨୦୨୩ରୁ ୨୦୨୫ ଏହି ତିନି ବର୍ଷ ମଧ୍ୟରେ କେଦାରନାଥରେ ଜମା ହୋଇଥିବା ଆବର୍ଜନା ସର୍ବାଧିକ । ଏହା କେବଳ ଆବର୍ଜନା ପରିଚାଳନାର ସମସ୍ୟା ନୁହେଁ । ଏହା ଦେଶର ଅତ୍ୟନ୍ତ ସମ୍ବେଦନଶୀଳ ପରିବେଶ ଅଂଚଳ ଭିତରେ ଅନ୍ୟତମ ହିମାଳୟ ଉପରେ ବଢୁଥିବା ତୀର୍ଥଯାତ୍ରୀଙ୍କ ଚାପର ଏକ ସ୍ପଷ୍ଟ ସଙ୍କେତ । ଏହି ଚିନ୍ତାଜନକ ଚିତ୍ର ଭିତରେ ଆଶାର ଆଲୋକ ବି ଅଛି । 'କ୍ୟାରି ମି ବ୍ୟାକ୍' ଅଭିଯାନ ଅଧୀନରେ ପ୍ରାୟ ୫,୦୦୦ ତୀର୍ଥଯାତ୍ରୀ କେଦାରନାଥର ୧୮ କିଲୋମିଟର ଦୁର୍ଗମ ପଥ ଦେଇ ୧୨ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ତଳକୁ ନେଇ ଆସିଛନ୍ତି । ଏହି ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ । ଏହା ଦ୍ୱାରା ତୀର୍ଥଯାତ୍ରୀଙ୍କୁ କେବଳ ସୁବିଧା ଉପଭୋଗ କରୁଥିବା ପର୍ଯ୍ୟଟକ ଭାବେ ନୁହେଁ, ପରିବେଶ ସୁରକ୍ଷାର ଅଂଶୀଦାର ଭାବେ ମଧ୍ୟ ବିବେଚନା କରା ଯାଉଛି। କିନ୍ତୁ ସ୍ୱେଚ୍ଛାସେବୀ ଅଭିଯାନ କେବେ ବି ଦାୟିତ୍ୱବାନ ସରକାରୀ ନୀତିର ବିକଳ୍ପ ହୋଇପାରିବ ନାହିଁ । ଏଗୁଡ଼ିକ ଲୋକଙ୍କ ଆଚରଣ ବଦଳାଇପାରେ; କିନ୍ତୁ ଯେଉଁ ବ୍ୟବସ୍ଥା ସୀମିତ କ୍ଷମତା ଥିବା ପରିବେଶ ବ୍ୟବସ୍ଥା ଭିତରକୁ ବିପୁଳ ପରିମାଣର ଆବର୍ଜନାକୁ ପ୍ରବେଶ କରିବାକୁ ଦେଉଛି, ତାହାକୁ ସ୍ୱେଚ୍ଛାସେବା ଅଭିଯାନ କଦାପି ସୁଧାରି ପାରିବ ନାହିଁ । କେଦାରନାଥ ଏହି ବଡ଼ ସମସ୍ୟାର କେବଳ ଗୋଟିଏ ଅଂଶ ମାତ୍ର । ଚଳିତ ବର୍ଷର ଚାରିଧାମ ଯାତ୍ରାରେ ସେପ୍ଟେମ୍ବର ଶେଷ ସୁଦ୍ଧା ୮୦୦ ଟନ୍‌ରୁ ଅଧିକ ଆବର୍ଜନା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ହେମକୁଣ୍ଡ ସାହିବ ଓ ଭ୍ୟାଲି ଅଫ୍ ଫ୍ଲାୱର୍ସ ଅଂଚଳର ଆବର୍ଜନାକୁ ମିଶାଇଲେ ଏହି ପରିମାଣ ୮୫୦ ଟନ୍ ଅତିକ୍ରମ କରିବ । ଆଚମ୍ବିତ କଲା ଭଳି କଥା ହେଉଛି ୩,୦୦୦ ମିଟରରୁ ଅଧିକ ଉଚ୍ଚତାରେ ମଧ୍ୟ ପ୍ଲାଷ୍ଟିକ ବୋତଲ, ଖାଦ୍ୟ ପ୍ୟାକେଟ ଓ ବ୍ୟବହୃତ ହୋଇ ସାରିଥିବା ପ୍ୟାକେଜିଂ ସାମଗ୍ରୀ ମିଳିଛି । ଏହି ସବୁ ପରିସଂଖ୍ୟାନରୁ ଗୋଟିଏ କଥା ସ୍ପଷ୍ଟ । ସମତଳ ଅଂଚଳର ଉପଭୋଗ ସଂସ୍କୃତିକୁ ଆମେ ପାହାଡ଼ ଉପରକୁ ନେଇଯାଉଛୁ, କିନ୍ତୁ ପର୍ବତ ଶିଖରରେ ସୃଷ୍ଟି ହେଉଥିବା ଆବର୍ଜନା ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ଆମେ ସାଙ୍ଗରେ ନେଉନାହୁଁ । ହିମାଳୟ କୌଣସି ସାଧାରଣ ପର୍ଯ୍ୟଟନସ୍ଥଳୀ ନୁହେଁ । ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପରିବେଶ ବ୍ୟବସ୍ଥା ବା 'ଇକୋ ସିଷ୍ଟମ' । ଏହା ଦେଶର ପ୍ରମୁଖ ନଦୀଗୁଡ଼ିକର ଉତ୍ସ ଏବଂ ଏଠାକାର ପାହାଡ଼ିଆ ସମୁଦାୟମାନଙ୍କ ଜୀବନ ଓ ଜୀବିକା ଏହି ପରିବେଶ ସହ ଘନିଷ୍ଠ ଭାବେ ଜଡ଼ିତ । କହିବା ଅନାବଶ୍ୟକ ଯେ, ପାହାଡ଼ରେ ଯାହା ଘଟେ, ତାହା ସେହି ପାହାଡ଼ ମଧ୍ୟରେ ସୀମିତ ରହେ ନାହିଁ । ପାହାଡ଼ିଆ ଝରଣାର ପ୍ରଦୂଷଣ, ଜଙ୍ଗଲର ଅବକ୍ଷୟ ଓ ସ୍ଥାନୀୟ ପରିବେଶ ଉପରେ ଅତ୍ୟଧିକ ଚାପ ଏସବୁ ବହୁ ଦୂର ଓ ଦିନ ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ । ଏହାର ଅର୍ଥ ନୁହେଁ ଯେ ତୀର୍ଥଯାତ୍ରା ବନ୍ଦ କରାଯିବା ଉଚିତ । ଧାର୍ମିକ ପର୍ଯ୍ୟଟନକୁ ଅପରାଧୀ ଭାବେ ଦେଖିବା କଦାପି ଠିକ୍ ନୁହେଁ । ଭାରତର ପବିତ୍ର ଭୂଗୋଳ ଏହାର ସଭ୍ୟତା ଓ ସଂସ୍କୃତିର ଅଂଶ ବିଶେଷ । କେଦାରନାଥ, ବଦ୍ରିନାଥ, ଅମରନାଥ, ହେମକୁଣ୍ଡ ସାହିବ ଓ ଅସଂଖ୍ୟ ତୀର୍ଥକ୍ଷେତ୍ର ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରେ, କାରଣ ଧର୍ମ ଭାରତୀୟ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । ସୁତରାଂ, ଲୋକେ ତୀର୍ଥଯାତ୍ରା କରିବେ କି ନାହିଁ, ତାହା ପ୍ରଶ୍ନ ନୁହେଁ। ପ୍ରଶ୍ନ ହେଉଛି, ଏହି ଯାତ୍ରାଗୁଡ଼ିକୁ କିପରି ଦାୟିତ୍ୱର ସହିତ ପରିଚାଳନା କରାଯାଇ ପାରିବ । ଏ କ୍ଷେତ୍ରରେ କିଛି ଉତ୍ସାହଜନକ ଉଦାହରଣ ମଧ୍ୟ ରହିଛି । ଚଳିତ ବର୍ଷ ଅମରନାଥ ମାର୍ଗରେ ପୁନଃ-ବ୍ୟବହାରଯୋଗ୍ୟ ବାସନ ଓ ପାଣି ଭରିବା ବ୍ୟବସ୍ଥା ଯୋଗୁଁ ପ୍ରତି ତୀର୍ଥଯାତ୍ରୀ ପିଛା ଆବର୍ଜନା ୧୫ ପ୍ରତିଶତ କମିଥିବା କଥା କୁହାଯାଉଛି, ଯଦିଓ ତୀର୍ଥଯାତ୍ରୀଙ୍କ ସଂଖ୍ୟା ମାତ୍ର ୧୭ ପ୍ରତିଶତ ବଢ଼ିଥିଲା । ଏଥିରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳୁଛି । ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ତୀର୍ଥଯାତ୍ରା ବନ୍ଦ କରିବା ଆବଶ୍ୟକ ନୁହେଁ । ଲୋକେ କିପରି ଯାତ୍ରା କରିବେ ଓ କିପରି ତାହା ଉପଭୋଗ କରିବେ, ସେଥିପାଇଁ ବ୍ୟବସ୍ଥାକୁ ବଦଳାଇବା ଆବଶ୍ୟକ । ପରିବେଶବିତ୍‌ମାନଙ୍କ କହିବ କଥା ଯେ ପ୍ରମୁଖ ତୀର୍ଥପଥଗୁଡ଼ିକରେ ପିଇବା ପାଣି ଭରିବା କେନ୍ଦ୍ର ବାଧ୍ୟତାମୂଳକ ହେବା ଉଚିତ । ନିରାପଦ ପାନୀୟ ଜଳ ସହଜରେ ମିଳିଲେ ତୀର୍ଥଯାତ୍ରୀମାନେ ବୋତଲ ଜଳ କିଣିବାକୁ ଆଉ ଆଗ୍ରହ ପ୍ରକାଶ କରିବେ ନାହିଁ । ସମ୍ଭବ ହେଲେ ଥରେ ବ୍ୟବହୃତ ବାସନ ପରିବର୍ତ୍ତେ ପୁନଃ ବ୍ୟବହାରଯୋଗ୍ୟ ବାସନ ବ୍ୟବହାର କରାଯିବା ଉଚିତ । ତୀର୍ଥ ଅଂଚଳରୁ 'ସିଙ୍ଗଲ-ୟୁଜ' ପ୍ଲାଷ୍ଟିକକୁ ପର୍ଯ୍ୟାୟକ୍ରମେ ହଟାଇବା ଦରକାର । ବୋତଲ ଓ ପ୍ୟାକେଜିଂ ପାଇଁ ଜମା-ଫେରସ୍ତ ବ୍ୟବସ୍ଥା ମଧ୍ୟ ଏକ ପ୍ରଭାବଶାଳୀ ସମାଧାନ ବୋଲି କୁହାଯାଉଛି । ବୋତଲ କିଣିବା ବେଳେ ତୀର୍ଥଯାତ୍ରୀ ଯଦି ଅତିରିକ୍ତ ଜମାରାଶି ଦିଅନ୍ତି ଏବଂ ଖାଲି ବୋତଲ ଫେରାଇଲେ ସେହି ଅଧିକ ଜମା ଟଙ୍କା ଫେରିପାଆନ୍ତି, ତେବେ ବ୍ୟବହୃତ ପ୍ଲାଷ୍ଟିକକୁ ଫେରାଇ ଆଣିବା ପାଇଁ ସେମାନଙ୍କ ଭିତରେ ଉତ୍ସାହ ସୃଷ୍ଟି ହେବ । ଆବର୍ଜନାକୁ ଉତ୍ସସ୍ଥଳରୁ ହିଁ ଅଲଗା କରିବା ଆବଶ୍ୟକ । ଜୈବ ଆବର୍ଜନା, ପୁନଃ-ଚକ୍ରୀକରଣଯୋଗ୍ୟ ବା 'ରିସାଇକ୍ଲବଲ' ଓ ପୁନଃ-ଚକ୍ରୀକରଣ ହୋଇପାରୁ ନ ଥିବା ଆବର୍ଜନା ବା 'ନନ-ରିସାଇକ୍ଲବଲ' ସାମଗ୍ରୀକୁ ଏକାଠି ପକାଯିବା ଉଚିତ ନୁହେଁ । ଉଚ୍ଚ ପାହାଡ଼ିଆ ଅଂଚଳ ପାଇଁ ସ୍ୱତନ୍ତ୍ର ଆବର୍ଜନା ସଂଗ୍ରହ ବ୍ୟବସ୍ଥା ଆବଶ୍ୟକ । ଯେଉଁଠି ପୁନଃ-ଚକ୍ରୀକରଣ କିମ୍ବା 'କମ୍ପୋଷ୍ଟିଂ' ସମ୍ଭବ, ସେଠାରେ ସ୍ଥାନୀୟ ଭାବେ ତାହା କରାଯିବା ଉଚିତ । ଯାହାର ସେଭଳି ପ୍ରକ୍ରିୟାକରଣ ସମ୍ଭବ ନୁହେଁ, ତାହାକୁ ସୁସଂଗଠିତ ଭାବେ ତଳକୁ ଆଣିବା ଦରକାର । କିନ୍ତୁ, ଏହି ଦାୟିତ୍ୱ କେବଳ ତୀର୍ଥଯାତ୍ରୀଙ୍କ ଉପରେ ଛାଡ଼ି ଦିଆଯାଇ ନ ପାରେ । ତୀର୍ଥ ପଥରେ ବ୍ୟବସାୟ କରୁଥିବା ବିକ୍ରେତା, ହୋଟେଲ, ରେଷ୍ଟୋରାଁ, ପରିବହନ ସଂସ୍ଥା ଓ ଅନ୍ୟାନ୍ୟ ବ୍ୟବସାୟୀଙ୍କୁ ମଧ୍ୟ ସେମାନଙ୍କ ବ୍ୟବସାୟରୁ ସୃଷ୍ଟି ହେଉଥିବା ଆବର୍ଜନା ପାଇଁ ଦାୟୀ କରିବା ପାଇଁ ହେବ । ସରଳ ନୀତିଟି ହେଉଛି : ଯେଉଁମାନେ ପାହାଡ଼ିଆ ପରିବେଶ ଭିତରକୁ ପ୍ୟାକେଜିଂ ସାମଗ୍ରୀ ନେଇ ଆସନ୍ତି ଓ ସେଥିରୁ ଲାଭ କରନ୍ତି, ସେମାନେ ଆବର୍ଜନାକୁ ବାହାରକୁ ନେଇଯିବାର ଦାୟିତ୍ୱ ମଧ୍ୟ ବହନ କରିବା ଉଚିତ । ଆଉ ଏକ କଠିନ, କିନ୍ତୁ ଅତ୍ୟନ୍ତ ଜରୁରି ପ୍ରଶ୍ନ ହେଉଛି ତୀର୍ଥଯାତ୍ରୀଙ୍କ ସଂଖ୍ୟା । ପର୍ଯ୍ୟଟକ ସଂଖ୍ୟା ବଢ଼ିଲେ ସରକାର ଖୁସି ହୁଅନ୍ତି, କାରଣ ତୀର୍ଥଯାତ୍ରା ହେତୁ ରୋଜଗାର, ବ୍ୟବସାୟ ଓ ସ୍ଥାନୀୟ ଆୟ ବି ବଢ଼େ । କିନ୍ତୁ ପରିବେଶ ସମ୍ବେଦନ ଅଂଚଳରେ ମାତ୍ରାଧିକତା ଭଲ ନୁହେଁ । ପ୍ରତ୍ୟେକ ପାର୍ବତ୍ୟ ଅଂଚଳର ଏକ ସୀମିତ କ୍ଷମତା ରହିଛି । ପ୍ରତ୍ୟେକ ନଦୀ, ବସତି, ରାସ୍ତା, ନିଷ୍କାସନ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନା ବ୍ୟବସ୍ଥାର ମଧ୍ୟ ଗୋଟିଏ ଗୋଟିଏ ସୀମା ରହିଛି । ତେଣୁ, କୌଣସି ତୀର୍ଥସ୍ଥଳ କିମ୍ବା ଯାତ୍ରାପଥରେ କେତେ ତୀର୍ଥଯାତ୍ରୀଙ୍କୁ ଅନୁମତି ଦିଆଯିବ, ତାହା ପରିବେଶ ଓ ଭିତିଭୂମିର ବୈଜ୍ଞାନିକ ମୂଲ୍ୟାଙ୍କନ ଆଧାରରେ ନିର୍ଦ୍ଧାରିତ ହେବା ଦରକାର । ଜଳବାୟୁ ପରିବର୍ତ୍ତନର ଯୁଗରେ ଏହା ଅଧିକ ଜରୁରି । ଆଗରୁ ହିଁ ହିମାଳୟ ବଦଳୁଥିବା ପାଣିପାଗ, ଅତ୍ୟଧିକ ବର୍ଷା, ଭୂସ୍ଖଳନ, ହିମ ତରଳିବାରେ ଅସ୍ଥିରତା ଓ ଅନ୍ୟାନ୍ୟ ପରିବେଶଗତ ଚାପର ସମ୍ମୁଖୀନ ହୋଇ ଅସିଛି । ଏହି ଦୁର୍ବଳ ସ୍ଥିତି ଉପରେ ଅନିୟନ୍ତ୍ରିତ ମାନବୀୟ ଚାପକୁ ଯୋଡ଼ିବା ଯେ ଏକ ବିପଜ୍ଜନକ ଜୁଆଖେଳ, ଏଥିରେ ଦ୍ୱିମତ ନହିଁ । ଏହି ପ୍ରସଙ୍ଗର ଏକ ନୈତିକ ଦିଗ ମଧ୍ୟ ରହିଛି । ତୀର୍ଥଯାତ୍ରା ପାରମ୍ପରିକ ଭାବେ ଶୃଙ୍ଖଳା, ସଂଯମ ଓ ସମ୍ମାନର ପ୍ରତୀକ । ଗୋଟିଏ ପବିତ୍ର ପାହାଡ଼ ଉପରକୁ ଯାଉଥିବା ତୀର୍ଥଯାତ୍ରୀ ଯଦି ଫେରିବା ବାଟରେ ଉପଭୋଗବାଦୀ ଜୀବନଶୈଳୀର ଆବର୍ଜନା ଛାଡ଼ି ଆସନ୍ତି, ତେବେ ଏହା ଏକ ବିରୋଧାଭାସ ଛଡ଼ା ଆଉ କିଛି ନୁହେଁ । ପ୍ରକୃତି ଓ ପରିବେଶ ପ୍ରତି ସମ୍ମାନ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଏକ ଅଂଶ । ପବିତ୍ର ନଦୀ, ଜଙ୍ଗଲ, ବନଭୂମି ଓ ପାହାଡ଼ କେବଳ ପ୍ରାକୃତିକ ସମ୍ପଦ ନୁହନ୍ତି; ସେମାନେ ଆମ ସାଂସ୍କୃତିକ ଚେତନାର ଅଂଶ । ଅନ୍ୟ ଅର୍ଥରେ, ଆଧୁନିକ ତୀର୍ଥଯାତ୍ରା ପରିଚାଳନାରେ ଏହି ପରମ୍ପରାର ପ୍ରତିଫଳନ ଦେଖାଯିବା ଦରକାର । ଭକ୍ତି କେବେ ବି ପରିବେଶ ପ୍ରତି ଥିବା ଦାୟିତ୍ୱବୋଧରୁ ମଣିଷକୁ ମୁକ୍ତିର ଅଧିକାର ଦେଇନାହିଁ । ବରଂ ଏକ ପବିତ୍ର ପରିବେଶକୁ ସୁରକ୍ଷିତ ରଖିବାକୁ ଭକ୍ତିର ଏକ ରୂପ ଭାବେ ଦେଖିବା ଉଚିତ । 'କ୍ୟାରି ମି ବ୍ୟାକ୍' ଭଳି ଅଭିଯାନ ପ୍ରମାଣ କରୁଛି ଯେ ତୀର୍ଥଯାତ୍ରୀମାନେ ଏଥିରେ ଅଂଶୀଦାର ହେବାକୁ ପ୍ରସ୍ତୁତ । କିନ୍ତୁ ସମସ୍ତ ଦାୟିତ୍ୱ କେବଳ ବ୍ୟକ୍ତିଗତ ସଚେତନତା ଉପରେ ଛାଡ଼ି ଦିଆଯାଇ ପାରିବ ନାହିଁ । ସରକାରଙ୍କୁ ସିଙ୍ଗଲ-ୟୁଜ ପ୍ଲାଷ୍ଟିକ ନିୟନ୍ତ୍ରଣ କରିବାକୁ ହେବ; ପାଣି ଭରିବା ବ୍ୟବସ୍ଥା କରିବାକୁ ହେବ; ଆବର୍ଜନା ପୃଥକ୍ ?କରଣକୁ ବାଧ୍ୟତାମୂଳକ କରିବାକୁ ହେବ; ବ୍ୟବସାୟୀଙ୍କୁ ଦାୟୀ କରିବାକୁ ହେବ ଏବଂ ପରିବେଶର ବିଜ୍ଞାନଭିତ୍ତିକ ବହନକ୍ଷମତା ଆଧାରରେ ତୀର୍ଥଯାତ୍ରୀଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବାକୁ ହେବ । ଲକ୍ଷ୍ୟ କଦାପି ତୀର୍ଥଯାତ୍ରୀଙ୍କୁ ଚାରିଧାମ ଯାତ୍ରାରୁ ଦୂରେଇ ରଖିବା ନୁହେଁ । ଲକ୍ଷ୍ୟ ହେଉଛି ହିମାଳୟ ଯେପରି ଆଗାମୀ ଦିନରେ ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିପାରିବ, ତାହା ସୁନିଶ୍ଚିତ କରିବା । ଆମେ ଏକ ତୀର୍ଥଯାତ୍ରା ପଛରେ ପ୍ରାର୍ଥନା, ସ୍ମୃତି ଓ ଶ୍ରଦ୍ଧା ଛାଡ଼ିଯିବା ସିନା ଟନ୍ ଟନ୍ ଆବର୍ଜନା ନୁହେଁ ।

# ଜୀବନ ସହ ଖେଳ

କାଶି ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଁଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ— ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ । ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ । କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ । ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ । ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ । ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର । ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ । କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ । ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ । ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ । କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି । ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ । ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ । ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଂଚ ହେବା ଦରକାର । ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର । ଏହି ଲଢେଇ କେବଳ ଔଷଧ ଦୋକାନ ଯାଂରେ ଶେଷ ହେବ ନାହିଁ । ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଂଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ । ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ । କେବଳ ଜଣେ ଯୁବକଙ୍କୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ । ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ । ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ । କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ । ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା । ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର । ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ । ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି । ତେଣୁ କାଶି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ । ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ । ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର । ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର । ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼ । ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଚ୍‌ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଂରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ । ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ । ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ । ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଂଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ— ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର । ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର । ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ । ନିଶାର କୌଣସି ନିରାପଦ ରାସ୍ତା ନାହିଁ । ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ । ତା'ପରେ ଶରୀର, ମନ, ପରିବାର ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ । ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ । ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ । ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖିଚୁଣି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର । ଆଉ ଏକ ଦାୟିତ୍ୱ ହେଉଛି— ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ । ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ । ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର । ଏହି ଲଢେଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ । କାଶି ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ । ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି । ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଂଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଂଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ । କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶି ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର । ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ । ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ । ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶି ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ । ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର ।

# ପାରିବାରିକ ପର୍ବରୁ ସାମାଜିକ ମହୋତ୍ସବ

## ସୌର ଚନ୍ଦ୍ର ମହାପାତ୍ର

ଓଡ଼ିଶାରେ ଦଶହରାରେ ମୃଣ୍ମୟୀ ପୂଜାର ପରମ୍ପରା ଖୁବ ଲୋକପ୍ରିୟ । କିନ୍ତୁ ଏହା ସ୍ୱକୀୟ ଉତ୍କଳୀୟ ପରମ୍ପରା ନୁହେଁ । ରାଜ୍ୟର ପ୍ରାଚୀନ ସହର କଟକର ବଙ୍ଗୀୟ ଅଧିବାସୀ ଏହାର ମୂଳଦୁଆ ପକାଇଥିଲେ ବୋଲି କୁହାଯାଏ । ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ବଙ୍ଗରେ ଦୁର୍ଗାପୂଜା ଧନୀ ଜମିଦାରଙ୍କ ପାରିବାରିକ ପର୍ବ ଭାବେ ପାଳନ କରାଯାଉଥିଲା । ତେବେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ଦୁର୍ଗାପୂଜା ଏକ ଗଣପର୍ବରେ ପରିଣତ ହୋଇ ଗୋଷ୍ଠୀଭିତ୍ତିକ ଉତ୍ସବ ଭାବେ ଆଦୃତ ହୋଇଥିଲା । ୧୭୯୦ ମସିହାରେ ତତ୍କାଳୀନ ବଙ୍ଗ ପ୍ରଦେଶର ହୁଗୁଳି ଜିଲ୍ଲାରେ ପ୍ରଥମଥର ପାଇଁ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରାଯାଇଥିଲା । ଏହାକୁ ସ୍ଥାନୀୟ ଭାଷାରେ ବାରୋବାରୀ ପୂଜା କୁହାଯାଉଥିଲା । ବାରୋବାରୀ ଶବ୍ଦଟି ବାରୋ ବାରଜଣ ଏବଂ ୟାରି ବନ୍ଧୁରୁ ଆସିଛି । ବାରଜଣ ବନ୍ଧୁ ଜଣେ ଜମିଦାରଙ୍କ ଦାସତ୍ୱରୁ ମୁକ୍ତ ହୋଇ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରିଥିଲେ । ସାମୂହିକ ପୂଜାର ଏହି ପରିକଳ୍ପନା ସେ ସମୟରେ ବୈପ୍ଳବିକ ଥିଲା ଏବଂ ସାର୍ବଜନୀନ ଉତ୍ସବ ପାଳନର ମୂଳଦୁଆ ପକାଇଥିଲା । ପରେ ଏହି ଧାରା ସମଗ୍ର ବଙ୍ଗଳା ଓ ବଙ୍ଗୀୟମାନଙ୍କ ଦ୍ୱାରା ବାହାର ରାଜ୍ୟକୁ ପ୍ରସାରିତ ହୋଇଥିଲା । ଏହାପରେ କୋଲକାତାର ଶୋଭାବଜାର ରାଜବାଡ଼ିର ଜଣେ ପ୍ରଭାବଶାଳୀ ଜମିଦାର ରାଜା ନବକୃଷ୍ଣ ଦେବ ସମ୍ଭ୍ରାନ୍ତ ପରିବାରର ପରିଧିରୁ ଉର୍ଦ୍ଧ୍ୱକୁ ଆସି ସାର୍ବଜନୀନ ଦୁର୍ଗାପୂଜାକୁ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୭୫୭ରେ ପଲାସି ଯୁଦ୍ଧରେ ବ୍ରିଟିସ ବିଜୟ ପରେ ନବକୃଷ୍ଣ ଦେବ ତାଙ୍କ ଦୁର୍ଗାପୂଜା ଉତ୍ସବକୁ ରବର୍ଟ କ୍ଲାଇଭଙ୍କ ସମେତ କେତେକ ବ୍ରିଟିସ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରି ଭାରତୀୟ ପରମ୍ପରା ଓ ଉପନିବେଶକ ପ୍ରଭାବର ଏକ ମିଶ୍ରଣ ସୃଷ୍ଟି କରିଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ରାମକୃଷ୍ଣ ମିଶନ ମଧ୍ୟ ଦୁର୍ଗାପୂଜାକୁ ବ୍ୟାପକ ଓ ସାର୍ବଜନୀନ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଜଣାଯାଏ । ରାମକୃଷ୍ଣ ମିଶନ ମାଧ୍ୟମରେ ଦୁର୍ଗାପୂଜା ଜାତୀୟତାବାଦୀ ଚେତନା ଓ ସାଂସ୍କୃତିକ ପରିଚୟ ସହ ଯୋଡ଼ି ହୋଇ ସମାଜ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲା । ସ୍ୱାମୀ ବିବେକାନନ୍ଦ ନିଜେ ୧୯୦୧ ମସିହାରେ ବେଲୁର ମଠରେ ଦୁର୍ଗାପୂଜା କରିଥିଲେ ଏବଂ ଏହି ଉତ୍ସବକୁ ଉଭୟ ଆଧାତ୍ମିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ଭାବେ ଅଭିହିତ କରାଇଥିଲେ । କଟକରେ ଦୁର୍ଗାପୂଜା ଓ ସୁନାଚାନ୍ଦି ମେଢ଼ । ପଡ଼ୋଶୀ ପଶ୍ଚିମବଙ୍ଗର ଅଧିବାସୀ ଓଡ଼ିଶାର ପୁରୁଣା ରାଜଧାନୀ କଟକରେ ଅବସ୍ଥାନ କରିବା ପରେ ଧୀରେ ଧୀରେ ସାର୍ବଜନୀନ ଦୁର୍ଗାପୂଜା ସେଠାରେ ପ୍ରସାର ଲାଭ କରିଥିଲା । ଶୁଣିବାକୁ ମିଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମାଆ ପୁତ୍ର ସନ୍ତାନ ଲାଭ ଲାଗି ମା'ଦୁର୍ଗାଙ୍କ ନିକଟରେ ମାନସିକ କରିଥିଲେ । ଏହି ମାନସିକ ସ୍ୱରୂପ ନେତାଜୀ ସୁଭାଷ ଜନ୍ମ ହେବା ପରେ ତାଙ୍କ ପରିବାରରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରାଯାଉଥିଲା । ଆଜି ବି କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଘରେ ସେହି ପୂଜା ମଣ୍ଡପ ରହିଛି ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com [illegible] Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin:769003







# କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପ ବିରୋଧରେ ଜନଆନ୍ଦୋଳନ ତେଜିଲା

## ଦୁର୍ଗାପୂଜା ମଣ୍ଡପରେ ଶପଥ ପାଠ, ୩୩ ପଂଚାୟତରେ ଆନ୍ଦୋଳନ ବ୍ୟାପକ କରିବାକୁ ରଣନୀତି

ଝାରସୁଗୁଡା,୨୬/୧୦(ନି/ପ୍ର): କୁଶ୍ରାଲୋଇ ପଂଚାୟତରେ ନିର୍ମାଣାଧୀନ କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପକୁ ନେଇ ଅଂଚଳରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ଲଖନପୁର ନାଗରିକ ପରିଷଦ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଏବେ ନୂଆ ରୂପ ନେଇଛି । ଏହି ଅବସରରେ ବିଭିନ୍ନ ଗାଁର ପୂଜାପାଠ ମଣ୍ଡପରେ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ ସହ ଜନସଚେତନତା ଅଭିଯାନକୁ ଜୋରଦାର କରାଯାଉଛି। ଏମସିଏଲ୍ ଓ ବିପିସିଏଲ୍ ର ଯୌଥ ଉଦ୍ୟୋଗରେ ସ୍ଥାପିତ ହେଉଥିବା ଭାରତ କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପକୁ ନେଇ ଦୀର୍ଘଦିନ ଧରି ସ୍ଥାନୀୟ ଅଂଚଳରେ ବିରୋଧ ଜାରି ରହିଛି। ପ୍ରକଳ୍ପରୁ ସମ୍ଭାବ୍ୟ ପରିବେଶଗତ କ୍ଷତି ଓ ଶିଳ୍ପଜନିତ ବିପଦକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଶେଷକରି ଭୋପାଳ ଗ୍ୟାସ୍ ଦୁର୍ଘଟଣା ଭଳି ବିପର୍ଯ୍ୟୟର ଆଶଙ୍କା ପ୍ରକାଶ କରି ଅଂଚଳବାସୀ ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏହି ପ୍ରସଙ୍ଗରେ କିଛି ମାସ ପୂର୍ବେ ପ୍ରକଳ୍ପର ଶିଳାନ୍ୟାସ ସମୟରେ ମଧ୍ୟ ତୀବ୍ର ପ୍ରତିବାଦ ହୋଇଥିଲା। ପ୍ରକଳ୍ପ ପାଇଁ ଗଛକଟାକୁ ନେଇ ମଧ୍ୟ ବିବାଦ ତୀବ୍ର ହୋଇଛି। କମ୍ପାନି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାୟ ୩,୫୦୦ ଗଛ କଟାଯିବ ବୋଲି କୁହାଯାଉଥିବା ବେଳେ ୩୦ ହଜାରରୁ ଅଧିକ ଗଛ କଟିବାର ଆଶଙ୍କା ଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବ୍ୟାପକ ବୃକ୍ଷନିଧନ ଦ୍ୱାରା ପରିବେଶ ଓ ସ୍ଥାନୀୟ ଜୀବନଜୀବିକା ପ୍ରଭାବିତ ହେବା ନେଇ ମଧ୍ୟ ଚିନ୍ତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ଲଖନପୁର ନାଗରିକ ପରିଷଦ ପକ୍ଷରୁ ଗାଁ ଗାଁରେ ବୈଠକ, ସଚେତନତା ସଭା ଓ ପ୍ରତିବାଦ କାର୍ଯ୍ୟକ୍ରମ ଜରିଆରେ ଆନ୍ଦୋଳନକୁ ସଂଗଠିତ କରାଯାଉଛି। ଶାରଦୀୟ ଦୁର୍ଗାପୂଜା ସମୟରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ନିକଟରେ ପ୍ରକଳ୍ପ ବିରୋଧରେ ଶପଥ ପାଠ କରାଯାଇ ଏହାକୁ ବନ୍ଦ କରିବା ପାଇଁ ସଂକଳ୍ପ ନିଆଯାଉଛି। ପ୍ରକଳ୍ପ ବିରୋଧରେ ଜନମତ ସୃଷ୍ଟି କରିବାକୁ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଯାଇ ଲୋକଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଉଛି। ଗୋସାଇଁ ଖୋଲ ମଠ ପଣ୍ଡରି, କଣ୍ଢେଇକେଲା, ପିଥିଣ୍ଡା, ପଂଚଗାଁ, ଲଖନପୁର, ବନ୍ଧବାହାଲ, ଫଟାପାଲି ଓ ବେଲପାହାଡ଼ ଆଦି ଅଂଚଳର ଦୁର୍ଗାପୂଜା ମଣ୍ଡପରେ ଏହି ଅଭିଯାନକୁ ଆଗକୁ ବଢ଼ାଯାଇଥିବା ପରିଷଦ ପକ୍ଷରୁ ସୂଚନା ମିଳିଛି। ଆଗାମୀ ଦିନରେ ଲଖନପୁର ବ୍ଲକ୍ ର ସମସ୍ତ ୩୩ଟି ପଂଚାୟତରେ ସଚେତନତା ସଭା ଆୟୋଜନ କରି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ପରିଷଦ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏନେଇ ପରିଷଦର ସଭାପତି ପୀତାମ୍ବର ମିଶ୍ର ସୂଚନା ଦେଇଛନ୍ତି।

# ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ସମ୍ବଲପୁର,୨୬/୧୦(ନି/ପ୍ର): ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଠାରେ ପୂର୍ବ ଛାତ୍ର ଏକତ୍ରି କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପରେ ସମ୍ବଲପୁର ମହାନଗରର ପ୍ରଚାରକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦାନ କରିଥିଲେ । ଧନୁପାଲି ଶିଶୁ ମନ୍ଦିର ପରିଚାଳନା ସମିତି ର ସଭାପତି ଡ଼କ୍ଟ ଦେବେନ୍ଦ୍ର ପଣ୍ଡା, ସମ୍ପାଦକ ଜୟ ଶଙ୍କର ପାଢ଼ୀ, ସହ ସମ୍ପାଦକ ଅଭିମନ୍ୟୁ ସାହୁ, ପରିଚାଳନା ସମିତି ସଦସ୍ୟା ଅନସୂୟା କର, ପୂର୍ବ ଛାତ୍ର ସଂଯୋଜଗ ଜ୍ୟୋତି ପ୍ରକଶ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ,



ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ପ୍ରଜ୍ଞା ଭଉଣୀ ସଂଯୋଜନା କାର୍ଯ୍ୟ ତୁଲାଇ ଥିଲେ। ବହୁ ପୁରାତନ ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ । ବିଦ୍ୟାଳୟ ର ନିହାରିକା ଜେନା କାର୍ଯ୍ୟ କ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା, ୨୬/୧୦(ନି/ପ୍ର) :ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକା ଅଂଚଳର ଆଗୁଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ଅନଗ୍ରସର ଓ ଅଭାବୀ ଲୋକମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ଦୀର୍ଘ ବର୍ଷ ହେଲା ଅସହାୟ ଓ ଗରିବମାନଙ୍କୁ ସେବା ଯୋଗାଇ ଆସୁଛି । ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରିବ ଓ ଅସହାୟ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିଧାୟକ ଶ୍ରୀ ସାହୁ ଟ୍ରଷ୍ଟର ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଦୁର୍ଘଟଣାରେ ପୀଡିତ ଜେନାପୁର ପଂଚାୟତର ଅର୍ଜୁନ ରାଉତ, ଆର୍ଥିକ ଅନାଟନରେ ଚଳୁଥିବା ଜେନାପୁର ପଂଚାୟତ ପଣସପଡିଆ ଗ୍ରାମର ସୀତା ଭଞ୍ଜ, ଆର୍ଥିକ ଅଭାବରେ ଚଳୁଥିବା ଜେନାପୁର ପଂଚାୟତ ପଣଷପଡିଆ ଗ୍ରାମର ବସନ୍ତ ମଞ୍ଜରୀ ସାହୁ, ମସ୍ତିଷ୍କ ବିକୃତ ଜେନାପୁର ପଂଚାୟତ ପଣଷପଡିଆ ଗ୍ରାମର ସୁବାସ କବିଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହୟତା ପ୍ରଦାନ କରାଯାଇଛି । ସେହିପରି ଅଭାବରେ ଚଳୁଥିବା ରସୁଲପୁର ପଂଚାୟତ ଖୋସାଲପୁର ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତି, ଅଭାବରେ ଚଳୁଥିବା ରସୁଲପୁର ପଂଚାୟତ ଖୋସାଲପୁର ଗ୍ରାମର ସତ୍ୟଭାମା ନାୟକ ଏବଂ ଚଂଚଳା ଦାସ, ପ୍ରଣିତ କରଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆର୍ଥିକ ଅନଗ୍ରସର ରାହାମ୍ବା ପଂଚାୟତ ସଦାନନ୍ଦପୁର ଗ୍ରାମର ସଖି ବେହୁଆ ଓ ଏହି ପଂଚାୟତ କୋଳଥଳ ଗ୍ରାମର ବୋଧି ମଲିକ, ସରୋଜ ମଲିକଙ୍କୁ ଟ୍ରଷ୍ଟ ପକ୍ଷରୁ ଅର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭାବ ଅନାଟନରେ ଚଳୁଥିବା ଅରେଇକଣା ପଂଚାୟତ ହଳଦିଆମୂଳ ଗ୍ରାମର ଉମାକାନ୍ତ ମଲିକ ଓ ଏହି ଗ୍ରାମର ଗୋପାଳ ମଲିକ, ନେପାଳ ମଲିକ ଏବଂ ଆର୍ଥିକ ଅନାଟନରେ ଥିବା ମଙ୍ଗଳପୁର ପଂଚାୟତ ବାଙ୍କସାହି ଗ୍ରାମର ମାତାଜୀ ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ଅନୁରୂପ ଭାବେ ଅଭାବରେ ଥିବା ମଙ୍ଗଳପୁର ପଂଚାୟତ ବାଙ୍କସାହି ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ, ଅଭାବରେ ଥିବା ରାହାମ୍ବା ପଂଚାୟତ କୋଳଥଳ ଗ୍ରାମର ମମତା ବାରିକଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଁଚି ଏହି ସହାୟତା ପ୍ରଦାନ କରିଛନ୍ତି । ଗରିବ, ଖଟିଖିଆ, ଅସହାୟ ଲୋକମାନଙ୍କୁ ଚିହ୍ନଟ କରାଯାଇ ଟ୍ରଷ୍ଟ ମାଧ୍ୟମରେ ପୂର୍ବରୁ ଯେଉଁଭଳି ଭାବେ ସହାୟତା ଯୋଗେଇ ଦିଆଯାଉଥିଲା ସମାନ ଭାବରେ ଏଭଳି ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

# ମାଁ ପିତାବଲୀଙ୍କ ପୀଠରେ ନବରାତ୍ରି ପୂଜା ସମାପନ



ସମ୍ବଲପୁର,୨୬/୧୦(ନି/ପ୍ର): ସମ୍ବଲପୁର ମହାନଗର ନିଗମର ୩୮ ନମ୍ବର ୱାର୍ଡ ଅନ୍ତର୍ଗତ ସିନ୍ଦୂରପଙ୍କ ଗ୍ରାମସ୍ଥିତ ମାଁ ପିତାବଳୀଙ୍କ ପୀଠରେ ନବରାତ୍ରି ପୂଜା ଭକ୍ତିମୟ ପରିବେଶରେ ସମାପନ ହୋଇଛି। ଏହି ଅବସରରେ ପୀଠରେ ବିଭିନ୍ନ ଧାର୍ମିକ ରୀତିନୀତି, ଚଣ୍ଡୀପାଠ, ହୋମ, ଆରତୀ ଓ ଭଜନକୀର୍ତ୍ତନ ଆୟୋଜିତ ହୋଇଥିଲା। ମା'ଙ୍କ ଦର୍ଶନ ଓ ସନ୍ଧ୍ୟା ଆରତୀରେ ଯୋଗଦେବା ପାଇଁ ଦୂରଦୂରାନ୍ତରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ପୂଜାରେ ଅମ୍ବରୀଶ ସାହୁ ଓ ତାଙ୍କ ପତ୍ନୀ ସୁମନ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ସୁଶାନ୍ତ ସାହୁ ପୂଜାର୍ଚ୍ଚନା କରିଥିବା ବେଳେ ଲକ୍ଷ୍ମଣ ପଣ୍ଡା ଚଣ୍ଡୀପାଠ କରିଥିଲେ। ବାହ୍ୟ ପୂଜାରେ ଲୋକନାଥ, ଶକ୍ତି ଓ ପ୍ରିନ୍ସ ସହଯୋଗ କରିଥିଲେ। ଏହି ଅବସରରେ ୧୯୦ଟି ମାନସିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପୂଜାର ପ୍ରତ୍ୟେକ ଦିନ ମଧ୍ୟାହ୍ନ ଓ ସନ୍ଧ୍ୟାରେ ଶତାଧିକ ଭକ୍ତଙ୍କୁ ପ୍ରସାଦ ବଟଂନ କରାଯାଉଥିଲା। ସନ୍ଧ୍ୟା ଆରତୀ ପରେ ଭଜନକୀର୍ତ୍ତନର ଆୟୋଜନ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଭରିଦେଇଥିଲା। ଅମାବାସ୍ୟା ଦିନ ବାଜା, ଘଂଟ ଓ ଶଙ୍ଖଧ୍ୱନି ମଧ୍ୟରେ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ନବମୀ ଦିନ ହୋମ ସମାପନ ପରେ ମାନସିକ ଦୀପ ଓ କଳସ ବିସର୍ଜନ କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମନ୍ଦିର ସଭାପତି ବିନୟ କରଙ୍କ ସହ ମୋହନ ଧର, ନିର୍ମଳ କର, ବିକି ପାଢ଼ୀ, ପ୍ରଭଞ୍ଜନ ନାଥ, ରଜତ ପତି, ତନ୍ମୟ ଧର, କିଶନ ଦାସ, ତାନିସ କେଡ଼ିଆ, ନିଗମ ଓ ନିକୁଞ୍ଜଙ୍କ ସମେତ ଗ୍ରାମର ସମସ୍ତ ଅଧିବାସୀ ସହଯୋଗ କରିଥିଲେ। ମାଁ ପିତାବଳୀଙ୍କ ନବରାତ୍ରି ପୂଜା ଗ୍ରାମରେ ଧାର୍ମିକ ଚେତନା, ଭକ୍ତିଭାବ ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାର କରିଥିଲା।

# ଗଞ୍ଜେଇ ଜବତ, ୧ ଗିରଫ

ଜୟପୁର,୨୬/୧୦(ନି/ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଉତର ପ୍ରଦେଶର ଏମଡି ସାଦକ୍ (୫୬)। ସୂଚନା ଅନୁଯାୟୀ, ଅବକାରି ଥାନା ଜୟପୁର - ପାତ୍ରପୁଟ ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଟୁଙ୍କୁଆ ଛକରେ ଜଣେ ବ୍ୟକ୍ତି ଠିଆ ହୋଇଥିବା ବେଳେ ସନ୍ଦେହରେ ଯାଂଚ୍ କରିଥିଲା । ପରେ ତା' ଠାରୁ ୬ କେ.ଜି. ଗଞ୍ଜେଇ ଜବତ ହୋଇଛି । ଅବକାରି ବିଭାଗ ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ବିଧାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ଗୋବର୍ଦ୍ଧନ



ଝାରସୁଗୁଡ଼ା,୨୬/୧୦(ନି/ପ୍ର): ଓଡ଼ିଶା ଉପକୂଳ ସମୁଦ୍ର ଗର୍ଭରେ ପେଟ୍ରୋଲିୟମ୍ ସନ୍ଧାନ କାର୍ଯ୍ୟରେ ସାମିଲ ହୋଇ ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଯୁବକ ଗିରି ଗୋବର୍ଦ୍ଧନ ବଢ଼େଇ। ରାଷ୍ଟ୍ରାୟତ ତୈଳ କମ୍ପାନୀ ଓଏନ୍ଜିସିର ଏହି ସନ୍ଧାନ ଟିମରେ ସାମିଲ ହୋଇ ସେ ନିଜ ଅଂଚଳର ଗୌରବ ବଢ଼ାଇଛନ୍ତି। ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ହିର୍ମା ପଂଚାୟତର କନ୍ଦାଗାଡ଼ ଗ୍ରାମର ବାସିନ୍ଦା ଗୋବର୍ଦ୍ଧନଙ୍କ ଏହି ସଫଳତା ପାଇଁ ତାଙ୍କୁ ଶନିବାର ଗ୍ରାମରେ ସମ୍ବର୍ଦ୍ଧିତ କରାଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କନ୍ଦାଗାଡ଼ ଗ୍ରାମରେ ପହଂଚି ଗୋବର୍ଦ୍ଧନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଦେଶର ତୈଳ ଓ ଗ୍ୟାସ୍ ସମ୍ପଦ ଅନ୍ୱେଷଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଜଣେ ଯୁବକ ଭାବେ ଗୋବର୍ଦ୍ଧନଙ୍କ ଅବଦାନ ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ। ତାଙ୍କର ଏହି ସଫଳତା ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାର ଗୌରବ ବୃଦ୍ଧି ପାଇଥିବା ବେଳେ ସ୍ଥାନୀୟ ଅଂଚଳରେ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋବର୍ଦ୍ଧନଙ୍କ ପିତା ସୁନ୍ଦରମଣି ବଢ଼େଇ, ହେମ ରଞ୍ଜନ ସିଂ, ଗଙ୍ଗାଧର କଂଟା, ସୀତାରାମ ସାହୁଙ୍କ ସମେତ ଅନ୍ୟ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତେ ଗୋବର୍ଦ୍ଧନଙ୍କ ସଫଳତାକୁ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅଚଂଳବାସୀଙ୍କୁ ଉନ୍ନତ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ମିଳିତ ପଦକ୍ଷେପ

ଝାରସୁଗୁଡ଼ା,୨୬/୧୦(ନି/ପ୍ର) :ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କୁ ସୁଲଭ ତଥା ଉଚ୍ଚମାନର ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ଆଜି ସ୍ଥାନୀୟ ବେଦାନ୍ତ ଡାଏଗ୍ନୋଷ୍ଟିକ୍ ସେଂଟରକୁ ଏକ ସୁବିଧାସମ୍ପନ୍ନ ହସ୍ପିଟାଲରେ ରୂପାନ୍ତରିତ କରିବା ନିମନ୍ତେ କ୍ଷେତ୍ର ପରିଦର୍ଶନ ଓ ସ୍ଥିତି ଅନୁଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମିଳିତ ଭାବେ ଉକ୍ତ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଛନ୍ତି। ପରିଦର୍ଶନ କାଳରେ ଡାଏଗ୍ନୋଷ୍ଟିକ୍ ସେଂଟରକୁ ପୂର୍ଣ୍ଣାଙ୍ଗ ହସ୍ପିଟାଲରେ ପରିଣତ କରିବା ପାଇଁ ଆବଶ୍ୟକ ଭିତିଭୂମି, ରୋଗୀ ଶଯ୍ୟା, ଆଧୁନିକ ଚିକିତ୍ସା ଉପକରଣ, ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀଙ୍କ ରହିବା ବ୍ୟବସ୍ଥା ଏବଂ ଜରୁରୀକାଳୀନ ସେବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ଏହି ରୂପାନ୍ତରଣ ପ୍ରକ୍ରିୟାକୁ କିପରି ଶୀଘ୍ର କାର୍ଯ୍ୟକାରୀ କରାଯାଇପାରିବ, ସେନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଅଧିକାରୀମାନଙ୍କ ସହ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ବିଧାୟକ କହିଥିଲେ ଯେ, ଅଂଚଳବାସୀଙ୍କୁ ନିଜ ଜିଲ୍ଲାରେ ଉନ୍ନତ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆମର ପ୍ରମୁଖ ଲକ୍ଷ୍ୟ। ଏହି କେନ୍ଦ୍ରଟି ଏକ ପୂର୍ଣ୍ଣାଙ୍ଗ ହସ୍ପିଟାଲରେ ପରିଣତ ହେଲେ ସ୍ଥାନୀୟ ଲୋକଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ପଡ଼ିବ ନାହିଁ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସର୍ବଦା ପ୍ରାଥମିକତା ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଏହି ପ୍ରକଳ୍ପର ସମସ୍ତ ପ୍ରଶାସନିକ ସହଯୋଗ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ, ବେଦାନ୍ତ କର୍ତ୍ତୃପକ୍ଷ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଶାରଦୀୟ ପୂଜା ଉତ୍ସବରେ ଅବାଧ ମଦ କାରବାର ଓ ଦେହଜୀବୀଙ୍କ ଆସର ନେଇ ଅସନ୍ତୋଷ

ସମ୍ବଲପୁର,୨୬/୧୦(ନି/ପ୍ର): ଚଳିତ ବର୍ଷର ଶାରଦୀୟ ପୂଜା ଉତ୍ସବ ଅବସରରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରାଂଚଳରେ କିଛି ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ମଧ୍ୟ ନୈରାଶ୍ୟତା ପ୍ରକାଶ ପାଇଛି। ସୂଚନାନୁଯାୟୀ ଅବକାରୀ ବିଭାଗର ତଥାକଥିତ ଅଧିକାରୀଙ୍କ ଉତ୍କୋଚ ଖୋର ମନୋଭାବ ଓ ନିର୍ଦ୍ଦିଷ୍ଟ ମଦ ମାଫିଆଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ ଯୋଗୁଁ କିଛି କୁଚିଆଙ୍କୁ ହାତବାରିସୀ କରି ତଥାକଥିତ ମଦ ମାଫିଆ କୁଚିଣ୍ଡା ବଜାରରୁ ଆରମ୍ଭ କରି ଆଖପାଖର ବିଭିନ୍ନ ଗ୍ରାମାଂଚଳରେ ମଦର ବନ୍ୟା ସୃଷ୍ଟି କରି ପୂଜା ମାହୋଲରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା। କୁଚିଣ୍ଡା ଅଂଚଳର ତଥାକଥିତ ମଦ ମାଫିଆ ଜଣଙ୍କ ଦଶହରା ପର୍ବରେ ବହୁଳ ମଦ ବିକ୍ରି କରି ମୋଟା ଅଙ୍କର ଅର୍ଥ ବେଶ୍ ହାତ ଚିକ୍କଣ କରିଥିବା ବେଳେ ଚଳିତ ବର୍ଷ କିଛି ଅଜଣା ଯୁବକ କୁଚିଣ୍ଡା ଅଂଚଳରେ ଦେହଜୀବୀଙ୍କ ଆସର ଖୋଲି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ବାଟବଣା କରିଥିବା ଭଳି ଅଭିଯୋଗ ଏବେ ଦାଣ୍ଡରେ ପଡି ହାଟରେ ଗଡିବା ସଦୃଶ୍ୟ ହୋଇଛି। ଚଳିତ ବର୍ଷ ଶାରଦୀୟ ପୂଜା ଭିଡକୁ ଦୃଷ୍ଟିରେ ରଖି କିଛି ଅଜଣା ଅସାମାଜିକ ଯୁବକମାନେ ଦୂର ଦୁରାନ୍ତରୁ କିଛି ଦେହଜୀବୀଙ୍କୁ ଆଣି ବଜାରରେ ବୁଲାଇବା, ଆଖପାଖରେ ଭଡା ଘର ଓ ହୋଟେଲ ଖୋଜିବା ଜଣାପଡିବା ପରେ ସ୍ଥାନୀୟ ଅଂଚଳରେ ଏକ ଅସ୍ଥିର ବାତାବରଣ ସୃଷ୍ଟି ହୋଇଥିଲା। ସମ୍ବଲପୁର ଜିଲ୍ଲାରେ କୁଚିଣ୍ଡାର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଥିବା ବେଳେ ବିଭିନ୍ନ ଗାଁ ଗହଳିରେ ମଦର ବନ୍ୟା ଓ ଯୁବଗୋଷ୍ଠୀଙ୍କୁ ଦେହଜୀବୀଙ୍କ ପ୍ରତି ଆକର୍ଷିତ କରାଇ ଅର୍ଥ ରୋଜଗାର କରାଯିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷର କାରଣ ପାଲଟିଥିଲା। ଦଶହରା ପର୍ବ ସରିଗଲାଣି, ମାତ୍ର ଚଳିତ ବର୍ଷ କୁଚିଣ୍ଡାରେ ଅବାଧ ମଦ କାରବାର ଓ ଦେହଜୀବୀଙ୍କ ଆସରକୁ ନେଇ ବିଭିନ୍ନ ମହଲରେ ଜୋରଦାର ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ଜାରି ରହିଛି। ପୂଜା ମାହୋଲରେ ଯଦି ଏଭଳି ଅବ୍ୟବସ୍ଥା ହୋଇଥିଲା ତେବେ ପ୍ରଶାସନ ନଜରକୁ ନଆଣି ନିର୍ଦ୍ଦିଷ୍ଟ କିଛି ସୋସିଆଲ ମିଡିଆ ଏହାକୁ ପ୍ରଚାର କରିବା ଘଟଣାକୁ ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀ ନାପସନ୍ଦ କରିଥିବାବେଳେ ଘଟଣାର ବାସ୍ତବତାକୁ ପ୍ରଶାସନ ତଦନ୍ତ କରିବା ଆବଶ୍ୟକ ବୋଲି କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ବଜ୍ରକାପ୍ତା ଉଦ୍ଧାର

ମାଲକାନଗିରି,୨୬/୧୦(ନି/ପ୍ର): ଗତକାଲି ବାଲିମେଳା ରେଞ୍ଜର କର୍ମଚାରୀମାନେ ବାଲିମେଳା ସେକ୍ସନ୍ ଅନ୍ତର୍ଗତ ଚିତାପାରି-୩ ଗ୍ରାମ ନିକଟସ୍ଥ ଜଙ୍ଗଲରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଖୋଲା ସ୍ଥାନରେ ଭାରତୀୟ ପାଙ୍ଗୋଲିନ୍ ବଜ୍ରକାପ୍ତା ଦେଖିବାକୁ ପାଇଥିଲେ । ଉକ୍ତ ବଜ୍ରକାପ୍ତାକୁ ତୁରନ୍ତ ଉଦ୍ଧାର କରାଯାଇ ବାଲିମେଳା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆଜି ସୁରକ୍ଷିତ ଭାବେ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

# ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୨୬/୧୦(ନି/ପ୍ର): ଜିଲ୍ଲାରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜଲୀ ଯୋଜନା' କାର୍ଯ୍ୟକାରିତାକୁ ନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟିପିଡବ୍ଲୁଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜିତ ପ୍ରଧାନ, ଓଆରଇଡିଏ, ପଂଚାୟତିରାଜ ପ୍ରତିନିଧି ତଥା ଆରଇସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବୈଠକରେ ଛାତ ଉପର ସୌର ଶକ୍ତି ପ୍ରକଳ୍ପ ଏବଂ ୟୁଟିଲିଟି ଲେଡ ଆଗ୍ରିଗେସନ୍ ମଡେଲ୍ ଅଧୀନରେ ବ୍ଲକୱାରୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହିତ ଜିଲ୍ଲାରେ ପ୍ରମୁଖ ଶିଳ୍ପାନୁଷ୍ଠାନ ଯଥା ଏନଟିପିସି, ବେଦାନ୍ତ ଏବଂ ଜେଏସଡବ୍ଲୁ ଭଳି ସାମାଜିକ ଦାୟିତ୍ୱବୋଧ ସହଯୋଗରେ ଚାଲିଥିବା ସୌରୀକରଣ ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ 'ଆଦର୍ଶ ସୌର ଗ୍ରାମ' ନିର୍ମାଣ ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ମିଳିତ ସର୍ଭେ ଅନୁଯାୟୀ ଏଚ୍. କଟାପାଲି ଗ୍ରାମ ପଂଚାୟତରେ ସର୍ବାଧିକ ସୌର ସଂଯୋଗ ହୋଇଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ମନୋନୀତ ୧୦ଟି ଗ୍ରାମ ପଂଚାୟତ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଏଚ୍. କଟାପାଲି ପଂଚାୟତକୁ 'ମଡେଲ୍ ସୋଲାର ଭିଲେଜ୍' ଭାବେ ଘୋଷଣା କରାଯାଇଛି। ଏଠାରେ ଯୋଜନାର ଶୀଘ୍ର ଓ ସୁଚାରୁ କାର୍ଯ୍ୟାନ୍ୱୟନ ଲାଗି ଓରେଡା ଏବଂ ଟିପିଡବ୍ଲୁଓଡିଏଲ୍ ଅଧିକାରୀମାନଙ୍କୁ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଶକ୍ତିର ବ୍ୟବହାର ଦ୍ୱାରା ପରିବେଶ ସୁରକ୍ଷା ସହ ସାଧାରଣ ଲୋକଙ୍କ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ଆଲୋଚନା ହୋଇଥିଲା।

# ବେଲପାହାଡ଼ରେ ଆୟୋଜିତ ହେବ ୩୦ ଦିନିଆ ନାଟ୍ୟ କର୍ମଶାଳା

## ଯୋଗଦେବେ ୩୬ ପ୍ରତିଭାଗୀ

ଝାରସୁଗୁଡ଼ା,୨୬/୧୦(ନି/ପ୍ର): ନାଟକ ଓ ଅଭିନୟ କ୍ଷେତ୍ରରେ ନୂତନ



ପ୍ରତିଭା ସୃଷ୍ଟି କରିବା ସହ ଯୁବ କଳାକାରଙ୍କୁ ମଂଚ ଅଭିନୟର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦେବା ଲକ୍ଷ୍ୟରେ ବେଲପାହାଡ଼ରେ ଆୟୋଜିତ ହେବାକୁ ଯାଉଛି ୩୦ ଦିନିଆ ପ୍ରଡକ୍ସନ୍ ଓରିଏଂଟେଡ୍ ଥିଏଟର କର୍ମଶାଳା। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱୟଂଶାସିତ ପ୍ରତିଷ୍ଠାନ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍ଏସ୍ଡି)ର ସହଯୋଗରେ ବେଲପାହାଡ଼ର ମିରର୍ ଥିଏଟର ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଉଛି। ଆସନ୍ତା ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଏହି କର୍ମଶାଳା ଚାଲିବ। ଏଥିରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୩୬ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିବା ପାଇଁ ପଞ୍ଜୀକରଣ କରିଛନ୍ତି। କର୍ମଶାଳାର ଆୟୋଜନ ନିମନ୍ତେ ମିରର୍ ଥିଏଟର ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ଏହି କର୍ମଶାଳାରେ କ୍ୟାମ୍ପ ନିର୍ଦ୍ଦେଶକ ଭାବେ ଜାତୀୟ ନାଟ୍ୟ ବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ପ୍ରଖ୍ୟାତ ଅଭିନେତା ମନୀଷ ମିଶ୍ର ଯୋଗଦେବେ। ସେହିପରି ସହକାରୀ କ୍ୟାମ୍ପ ନିର୍ଦ୍ଦେଶିକା ଭାବେ ପ୍ରଖ୍ୟାତ ଅଭିନେତ୍ରୀ ଯାମିନୀ ସାହୁ ପ୍ରତିଭାଗୀମାନଙ୍କୁ ନାଟକ ଓ ଅଭିନୟ ସମ୍ପର୍କରେ ତାଲିମ ପ୍ରଦାନ କରିବେ। ପ୍ରଡକ୍ସନ୍ କୁ ଆଧାର କରି ଆୟୋଜିତ ଏହି କର୍ମଶାଳା ମାଧ୍ୟମରେ ପ୍ରତିଭାଗୀମାନେ ନାଟ୍ୟକଳାର ବିଭିନ୍ନ ଦିଗ ସମ୍ପର୍କରେ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇବେ। ଏହି କର୍ମଶାଳା ସମ୍ପର୍କରେ ସୂଚନା ଦେବା ପାଇଁ ଶନିବାର ଝାରସୁଗୁଡ଼ାର ଏକ ଘରୋଇ ହୋଟେଲରେ ମିରର୍ ଥିଏଟର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡଃ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ଜେନାମଣି ସେଠ, ସନ୍ତୋଷ ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ମନୋଜ ମେହେର, ବିନୟ ପ୍ରଧାନ, ସୁଜିତ ହରିପାଲ ଓ ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାର ଉଦ୍ଦେଶ୍ୟ ଓ ଆୟୋଜନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।




# ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ମିଡ୍ ଟାଉନ୍ ମଣ୍ଡଳ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ



ରାଉରକେଲା,୨୬/୧୦(ନି/ପ୍ର): ରବିବାର ସନ୍ଧ୍ୟାରେ ରାଉରକେଲା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ମିଡ୍ ଟାଉନ ମଣ୍ଡଳର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଦିଲ୍ଲିପ ସିଂଙ୍କ ଅଧକ୍ଷତାରେ ରାଉରକେଲା ସହରର ହରିୟାଣା ଭ୍ବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମୂହିକ ବନ୍ଦେ ମାତରଂ ଗାନ ପରେ ବୈଠକ ପ୍ରାରମ୍ଭ ହୋଇଥିଲା। ମଣ୍ଡଳ ସଭାପତି ତାଙ୍କ ସ୍ୱାଗତ ଭାଷଣରେ ବୈଠକର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସଂଗଠନକୁ ସକ୍ରିୟ , ସୃଦୃଢ଼ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମଂଚାସୀନ ରାଜ୍ୟ ମୁଖପାତ୍ର ତଥା ମୁଖ୍ୟ ବକ୍ତା ଧିରେନ ସେନାପତି, ଜିଲ୍ଲା ଉପସଭାପତି ତଥା ମଣ୍ଡଳ ପ୍ରଭାରୀ ପଦ୍ମିନୀ ଦାଶ, ରାଜ୍ୟ ଅଳ୍ପସଂଖ୍ୟକ ସଭାପତି ଗୁରବିନ୍ଦର ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ରଂଜିତ ନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ପୂବତନ ନଗରପାଳ କାଳନ୍ଦୀ ବଡ଼ଜେନା, ପୂର୍ବତନ ମଣ୍ଡଳ ସଭାପତି କେଦାର ମହାନ୍ତି, ରାଉରକେଲା ବିଧାନସଭା କ୍ଷେତ୍ରର ଆଇଟୀ ସେଲ ସଂଯୋଜକ ବିରେନ ପତି, ମଣ୍ଡଳ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ରାୟ, ରାଉରକେଲା ବିଧାନସଭା କ୍ଷେତ୍ର ଆଇ ଟି ସେଲ ସଂଯୋଜକ ରିସୁ ଗୁପ୍ତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କିଶୋର ମହାନ୍ତି, ପୂର୍ବତନ ଜିଲ୍ଲା କୋଷାଧକ୍ଷ ମନୋଜ ମାହେଶ୍ୱରୀ ପ୍ରମୁଖ ମଚାଂସୀନ ନେତୃବୃନ୍ଦ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାକୁ ଜନତାଙ୍କ ପାଖରେ ପହଚାଂଇବା ସହିତ ସଂଗଠନକୁ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ବିଜେପି ସରକାର ଗଠନ ହେଲେ ରାଉରକେଲା ମହାନଗର ନିଗମର ବହୁବର୍ଷ ଧରି ସ୍ଥଗିତ ଥିବା ନିର୍ବାଚନକୁ ଶୀଘ୍ର କରିବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହାର ଘୋଷଣା ହୋଇଥିବାରୁ ଏହି ବୈଠକରେ ରାଜ୍ୟ ସରକାର ଓ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହି ବୈଠକର ମଚଂ ପରିଚାଳନା କରିଥିଲେ ମଣ୍ଡଳ ସାଧାରଣ ସମ୍ପାଦକ ଅଭୟ ବେହେରା । ଏହି ବୈଠକରେ ଆପେକ୍ଷିତ ବହୁ କାର୍ଯ୍ୟକର୍ତା ଓ କର୍ମୀ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ରାଜସ୍ଥାନ ପରିଷଦ ପକ୍ଷରୁ ଶରତ ପୂର୍ଣ୍ଣିମା ଉତ୍ସବ ଆୟୋଜିତ



ରାଉରକେଲା,୨୬/୧୦(ନି/ପ୍ର): ରାଜସ୍ଥାନ ପରିଷଦ ପକ୍ଷରୁ ଅମର ଭବନ ପରିସରରେ ଶରତ ପୂର୍ଣ୍ଣିମା (କୁମାର ପୂର୍ଣ୍ଣିମା) ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ରବିବାର ରାତି ୯ଟା ସମୟରେ ଭଗବାନ ଗଣେଶଙ୍କ ମୂର୍ତି ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ ସହିତ ଗଣେଶ ବନ୍ଦନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ପରିଷଦର ପୃଷ୍ଠପୋଷକ ଗୋପାଳ ବାଗାଡିଆ, ସଭାପତି ଜଗଦୀଶ ହରିତ, ଉପାଧ୍ୟକ୍ଷ ବିନୋଦ ନରେଡି, ସମ୍ପାଦକ ମନୀଷ ଟୋଡି, ଯୁଗ୍ମ ସମ୍ପାଦକ ବିନୟ ଶର୍ମା, କୋଷାଧକ୍ଷ ନଟବର ବାଗାଡିଆ, ସଂସ୍କୃତି କମିଟି ସଂଯୋଜକ କିଶନ ଅଗ୍ରୱାଲ, ମହିଳା ମଣ୍ଡଳ ସଂଯୋଜକ ହେମା ଶର୍ମା, ପୂର୍ବତନ ସଭାପତି ସନ୍ତୋଷ ପାରିଖ, ବଦ୍ରିନାରାୟଣ ମାହେଶ୍ୱରୀ, ଶୈଳେନ୍ଦ୍ର ମାରୋଥିଆ, ସନ୍ତୋଷ ଅଗ୍ରୱାଲ, ଯୁଗଳ ମାରୋଥିଆଙ୍କ ସମେତ ବରିଷ୍ଠ ସଦସ୍ୟ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶରତ ପୂର୍ଣ୍ଣିମାରେ ମହିଳାମାନଙ୍କ ଦ୍ୱାରା ଦୀପ ପ୍ରଜ୍ଜ୍ୱଳନ ପ୍ରତିଯୋଗିତା, ଅନ୍ତାକ୍ଷରୀ, ଗ୍ରାଣ୍ଡ ହୋଜି ସହିତ ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଜୟୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଖିରୀ ପ୍ରସାଦ ଏବଂ ସ୍ୱଳ୍ପ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ରାଜସ୍ଥାନ ପରିଷଦର ସଦସ୍ୟମାନେ ସେମାନଙ୍କ ପରିବାର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ୮ ଜିଲ୍ଲାରେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬/୧୦(ନି/ପ୍ର):ଅକ୍ଟୋବର ୨୮ରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଏକ ସମ୍ଭାବ୍ୟ ବାତ୍ୟା ମୁହାଁଇବାର ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଓ ସ୍ଥିତିର ତଦାରଖ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୮ଟି ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ ଜାରି ଏକ ସରକାରୀ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, ମନ୍ତ୍ରୀମାନେ ଅକ୍ଟୋବର ୨୭ରୁ ୨୯ ପର୍ଯ୍ୟନ୍ତ ନିଜ ନିଜ ଦାୟିତ୍ୱରେ ଥିବା ଜିଲ୍ଲାରେ ରହି ବାତ୍ୟା ମୁକାବିଲା ପ୍ରସ୍ତୁତିର ସମନ୍ୱୟ ରକ୍ଷା କରିବେ। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଯେପରି ସମୟୋଚିତ ଭାବେ ନିଆଯାଏ, ସେଥିପ୍ରତି ସେମାନେ ନଜର ରଖିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କୋରାପୁଟ ଜିଲ୍ଲା ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାୟଗଡ଼ା ଜିଲ୍ଲାର ଦାୟିତ୍ୱ ଦିଆଯାଇଛି।



ସେକ୍ଟର-୧୭ ରେ ମା' ଗଜଲକ୍ଷ୍ମୀ ପୂଜା.......

# ହେମଗିରି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ସୁନ୍ଦରଗଡ଼,୨୬/୧୦(ନି/ପ୍ର): ହେମଗିରି ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରସାଶନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୫୩ ଗୋଟି ଅଭିଯୋଗ ଆସିଥିଲା ।ସେଥି ମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୭ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ବଢିଚାଲିଛି ବେଆଇନ ଜବରଦଖଲ : ଆର.ଡି.ଏ. ରାସ୍ତା ଉପରକୁ ମାଡ଼ି ଆସିଲେଣି ଗୁମୁଟି ଦୋକାନୀ



ରାଉରକେଲା,୨୬/୧୦(ନି/ପ୍ର): ସହରର ପ୍ରମୁଖ କଲୋନୀ ମଧ୍ୟରେ ଛେଣ୍ଡ କଲୋନୀ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ କଲୋନୀର ସ୍ଥାନ ପାଇଥିବା ବେଳେ, ଦିନକୁ ଦିନ ଏହାର ମୁଖ୍ୟ ରାସ୍ତା ସମେତ ଛକ (ଚୌକ)ଗୁଡିକ ମଧ୍ୟ ସଂକୁଚିତ ହେବାରେ ଲାଗିଛି। ଏଠାରେ ସ୍ମରଣଯୋଗ୍ୟ ଯେ ରାଉରକେଲା ଡେଭଲପମେଂଟ ଅଥରିଟି ଦ୍ୱାରା ନିର୍ମାଣ କରାଯାଇଥିବା ଘର ଓ ପ୍ଲଟ୍ ଆବଂଟିତ ହେବା ପରେ, ସମ୍ପୂର୍ଣ୍ଣ କଲୋନୀକୁ ରାଉରକେଲା (ପୌରପାଳିକା) ପୌର ନିଗମକୁ ହସ୍ତାନ୍ତରିତ କରାଯାଇଥିଲା। ପରେ ମୁଖ୍ୟ ରାସ୍ତାକୁ ପିଡବ୍ଲୁଡିକୁ ହସ୍ତାନ୍ତରିତ କରାଯିବା ପରେ (ଆର୍ ଆଣ୍ଡ ବି) ଦ୍ୱାରା ରାସ୍ତାଗୁଡ଼ିକୁ ପୁନଃ ନିର୍ମାଣ କରାଯାଇଥିଲା। ରାଉରକେଲା ସହର ମହାନଗର ନିଗମ ସହିତ ସ୍ମାର୍ଟ ସିଟିରେ ପରିଣତ ହେବା ପରେ ସ୍ୱରେଜ ପାଇଁ ଖଡଞ୍ଜ ଏହାକୁ ଠିକାରେ ନେଇ ମୁଖ୍ୟ ରାସ୍ତା ସମେତ ସମସ୍ତ ରାସ୍ତାକୁ ଖୋଳି ଯେଉଁ ସ୍ୱରେଜ କାର୍ଯ୍ୟ କରିଛି, ତାହା ଅବର୍ଣ୍ଣନୀୟ। ଦିନକୁ ଦିନ ରାସ୍ତା ଏବଂ ଛକ ଗୁଡିକ ସଂକୁଚିତ ହେବାରେ ଲାଗିଥିଲେ ମଧ୍ୟ ମହାନଗର ନିଗମ ଏବଂ ପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱ ଜବରଦଖଲମୁକ୍ତ କରାଯିବା ପାଇଁ କୌଣସି ପଦକ୍ଷେପ ନ ନିଆଯିବା ପ୍ରଶାସନର ବିଫଳତାକୁ ପଦାରେ ପକାଇଛି। ରାସ୍ତା ପାର୍ଶ୍ୱରେ ରହିଛି ବେଆଇନ ମାଳ ମାଳ ଗୁମୁଟି, ମାଛ ଦୋକାନ, କୁକୁଡା ଦୋକାନ, ମାଂସ ଦୋକାନ, ପରିବା ଦୋକାନ, ମାଂସ ଓ ମାଛ ପୋଡା ଦୋକାନ ଏବଂ ଅନ୍ୟାନ୍ୟ ଦୋକାନ। ପ୍ରଶାସନିକ ଅଧିକାରୀଙ୍କ ପାଇଁ ରାଉରକେଲା ଏକ ପ୍ରୟୋଗଶାଳା ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଛେଣ୍ଡ କଳିଙ୍ଗବିହାର ରୋଡରେ ଥିବା ବସ୍ ଷ୍ଟପ୍ ପାଖରେ ମାଛ ଓ କୁକୁଡା ଦୋକାନ ରହିବା ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲେ ମଧ୍ୟ, ଜନସାଧାରଣ ରାଉରକେଲା ମହାନଗର ନିଗମର ନୀରବତା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଯାହା ପୌର ପ୍ରଶାସନର ନୀରବତା ଉପରେ ପ୍ରଶ୍ନ ଉଠାଇଛି। ରୋଟାରୀ ଛକରୁ ଓଭରବ୍ରିଜ ଦେଇ ହନୁମାନ ମନ୍ଦିର ଏବଂ କଳିଙ୍ଗ ବିହାର ରୋଡ ନିକଟସ୍ଥ ଛକ ସମ୍ପୂର୍ଣ୍ଣ ଭାବେ ଜବରଦଖଲକାରୀଙ୍କ ପଞ୍ଝାରେ ରହିଥିବା ବେଳେ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ବସ୍‌ଷ୍ଟପ୍ ପରିସର ଏବଂ ଏହାର ଆଖପାଖରେ ମାଛ ଦୋକାନ ଖୋଲିବା ଯାତ୍ରୀଙ୍କ ସୁବିଧାକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଯାତ୍ରୀମାନେ ରାସ୍ତା କଡ଼ରେ ଅପେକ୍ଷା କରିବାକୁ ବାଧ ହେଉଛନ୍ତି, ଯାହା ଫଳରେ ପ୍ରତିଦିନ ଟ୍ରାଫିକ୍ ଜାମ୍ ଏବଂ ବିଶୃଙ୍ଖଳା ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ବସ୍ ଷ୍ଟାଣ୍ଡଟି ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମିତ ହୋଇଥିଲା, କିନ୍ତୁ ଏହା ଏବେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇପଡ଼ିଛି। ଦୋକାନୀମାନେ ବସ୍ ଷ୍ଟାଣ୍ଡର ଏକ ଅଂଶକୁ ଜବରଦଖଲ କରିଛନ୍ତି। ପ୍ରଶାସନ ଏବଂ ଜଗଉ (ରାଉରକେଲା ମ୍ୟୁନିସିପାଲ୍‌କର୍ପୋରେସନ୍) ଏପର୍ଯ୍ୟନ୍ତ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଜନସାଧାରଣଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସଚେତନ ନାଗରିକମାନଙ୍କ ପକ୍ଷରୁ ଏହି ମାମଲାରେ ପୌର ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ, ତେବେ ଏହି ଜବରଦଖଲ ସ୍ଥାୟୀ ହେବା ସହିତ ଉଚ୍ଛେଦ ସମୟରେ ଜାଗା ଦାବି କରିବା ସହ ସାର୍ବଜନୀନ ସମ୍ପତି ଉପରେ ଜବରଦଖଲର ଧାରା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି।

# କୋଇଡ଼ା ଖଣି ଅଚଂଳରେ ଶୀତର ଆଗମନ



କୋଇଡ଼ା,୨୬/୧୦(ନି/ପ୍ର): କୋଇଡ଼ା ଖଣି ଅଚଂଳ କୋଇଡ଼ାରେ ଧୀରେ ଧୀରେ ଅନୁଭୂତ ହେଲାଣି ଶୀତର ପ୍ରକୋପ ।ସକାଳ ଓ ସନ୍ଧ୍ୟାରେ ଥଣ୍ଡାର ଅନୁଭୂତି ବଢ଼ିବା ସହ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଥିବାରୁ ଅଚଂଳବାସୀଙ୍କ ଦୈନନ୍ଦିନ ଜୀବନରେ ଶୀତର ପ୍ରଭାବ ଦେଖିବାକୁ ମିଳିଲାଣି। ପାର୍ବଣ ଋତୁ ସାଙ୍ଗକୁ କାର୍ତ୍ତିକ ମାସର ଆଗମନ ଶୀତର ଅନୁଭୂତିକୁ ଆହୁରି ବଢ଼ାଇ ଦେଇଛି। ଶୀତର ଆଗମନ ସହ ନିଜକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ସ୍ଥାନୀୟ ବାସିନ୍ଦା ଏବେ ପ୍ରାତଃ ଭ୍ରମଣ ସହ ନିୟମିତ ବ୍ୟାୟାମକୁ ଗୁରୁତ୍ୱ ଦେଉଛନ୍ତି। ସକାଳୁ ସକାଳୁ ରାସ୍ତାକଡ଼ରେ ଚାଲିବା, ଦୌଡ଼ିବା ଓ ବିଭିନ୍ନ ପ୍ରକାର ବ୍ୟାୟାମ କରିବାର ଦୃଶ୍ୟ ଦେଖିବାକୁ ମିଳୁଛି। ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନ ଲୋକଙ୍କ ପାଇଁ ଶୀତ ସକାଳ ଏବେ ବ୍ୟାୟାମର ଅନୁକୂଳ ସମୟ ପାଲଟିଛି। ଅନ୍ୟପଟେ ଥଣ୍ଡା ବଢ଼ିବା ସହ ଚା' ଦୋକାନଗୁଡ଼ିକରେ ମଧ୍ୟ ଭିଡ଼ ଜମିବା ଆରମ୍ଭ ହୋଇଛି। ସକାଳୁ ଗରମ ଚା'ର ଚୁସ୍କି ସାଙ୍ଗକୁ ସାଙ୍ଗସାଥୀଙ୍କ ଗପସପ ଚା' ଦୋକାନଗୁଡ଼ିକୁ ଚଳଚଚଂଳ କରିଦେଇଛି। ଆଗକୁ ଶୀତର ପ୍ରକୋପ ବଢ଼ିବା ସହ କୋଇଡ଼ା ଅଚଂଳର ଜନଜୀବନରେ ଏହାର ପ୍ରଭାବ ଆହୁରି ସ୍ପଷ୍ଟ ହେବାର ସମ୍ଭାବନା ରହିଛି।

# ମା ଇନ୍ଦିରା ମହିଳା ସମିତି ପକ୍ଷରୁ କୁମାର ପୂର୍ଣ୍ଣିମା ଉତ୍ସବ ଧୁମ୍ ଧାମରେ ପାଳିତ



ରାଉରକେଲା,୨୬/୧୦(ନି/ପ୍ର): ସିଭିଲ୍ ଟାଉନସିପ୍ ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଅକ୍ଟୋବର ୨୫ ତାରିଖ ସନ୍ଧ୍ୟାରେ ମା' ବୃନ୍ଦାବତୀଙ୍କ ସାମ୍ନାରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଓଡିଶାର ସଂସ୍କୃତି ଓ ପରମ୍ପରାକୁ ପାଳନ କରି ପ୍ରଥମେ କୁମାରୀ କନ୍ୟାମାନେ ତୁଳସୀ ଚଉଁରାକୁ ପୂଜାକରି ଚାନ୍ଦ (ଚନ୍ଦ୍ର)ଙ୍କୁ ବନ୍ଦାପନା କରିଥିଲେ। କୁମାର ପୂର୍ଣ୍ଣିମାର ପାରମ୍ପରିକ ଗୀତ 'ଫୁଲ ବଉଳ ବେଣୀ' ଗୀତ ଗାଇ ଝିଅମାନେ ନୃତ୍ୟ କରିଥିଲେ। ଏହି ନୃତ୍ୟଗୀତ ଅବସରରେ ସିଭିଲ୍ ଟାଉନସିପ୍ ଅଚଂଳର କେତେକ ଭଦ୍ରବ୍ୟକ୍ତି ଆମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଶ୍ରୀଧର ମଲ୍ଲିକ, ବିଶୁ ସାହୁ, ବିବେକ, ରଞ୍ଜିତ ପ୍ରମୁଖ ଉପସ୍ଥିତ ଥିଲେ। କୁମାର ପୂର୍ଣ୍ଣିମାର ମ୍ୟୁଜିକ୍ ପରିବେଷଣରେ ନନ୍ଦନ, ଶ୍ରୀକାନ୍ତ ପ୍ରମୁଖ ଯୋଗଦେଇ ମ୍ୟୁଜିକ ପରିବେଷଣ କରିଥିଲେ। ତାପରେ ସମସ୍ତ ଅତିଥିମାନଙ୍କୁ ଚାନ୍ଦ ଚକଟା (ତାଳଗଜା, ପାଚିଲା କଦଳୀ, ଆଖୁ ପ୍ରଭୃତିର ମିଶ୍ରଣ), ପିଠା ଓ ଖିରୀ ବଟଂନ କରାଯାଇଥିଲା। କୁମାର ପୂର୍ଣ୍ଣିମା ଉତ୍ସବକୁ ପରିଚାଳନା କରିଥିଲେ ମା ଇନ୍ଦିରା ମହିଳା ସମିତିର ସଭାନେତ୍ରୀ ପୁଷ୍ପା ଲେଙ୍କା ଏବଂ ତାଙ୍କୁ ସହଯୋଗ କରିଥିଲେ ସମିତିର ସକ୍ରୀୟ ସଦସ୍ୟା ସଞ୍ଜୁଲତା, ସମ୍ପାଦିକା ୱାଇ ହେମଲତାଙ୍କ, ଉପସଭାନେତ୍ରୀ ଡିମ୍ପଲ ସାହୁଙ୍କ ସମେତ ସୁଜାତା ପ୍ରଧାନ, ସମ୍ପା ଜେନା, ସସ୍ମିତା, କ୍ରୀଷ୍ଣା, ଶୋଭା, ଝୁଲଣା, ରଞ୍ଜୁ ପ୍ରମୁଖ ସଦସ୍ୟମାନେ।

# ୨ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ, ୧ ଗିରଫ

ମାଲକାନଗିରି,୨୬/୧୦(ନି/ପ୍ର):ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପାପଲୁର ପଂଚାୟତର ନାଗଲୁର ଗ୍ରାମ ନିକଟ ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ ଉପରେ କାଲିମେଳା ପୋଲିସ ବଡ଼ ଧରଣର ଚଢ଼ଉ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ନାଗଲୁର ଗ୍ରାମର କଟିଆ ନାଇଡୁ (୩୦) । ମିଳିଥିବା ସୂଚନା ଅନୁଯାୟୀ, ନାଗଲୁର ନିକଟ ଜଙ୍ଗଲରେ ବେଆଇନ ଭାବେ ଗଞ୍ଜେଇ ଚାଷ ଚାଲିଥିବା ନେଇ କାଲିମେଳା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏନେଇ ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶ କ୍ରମେ କାଲିମେଳା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ନାଗଲୁର ଗ୍ରାମରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ପ୍ରାୟ ୨ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହେଉଥିବା ଦେଖିବାକୁ ମିଳିଥିଲା ।

# ସେଲ୍, ଆରଏସପିର ଆଚଂଳିକସ୍ତରୀୟ ବାର୍ଷିକ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ୍ ଟୁର୍ନାମେଟଂ ଲାଠିକଟା ବ୍ଲକଠାରେ ଆରମ୍ଭ



ରାଉରକେଲା,୨୬/୧୦(ନି/ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ର ଅନ୍ୟତମ ପ୍ରମୁଖ ସିଏସଆର୍ କାର୍ଯ୍ୟକ୍ରମ, ଆଚଂଳିକ ସ୍ତରୀୟ 'ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ୍ ଟୁର୍ନାମେଟଂ' ଅକ୍ଟୋବର, ୨୩ ତାରିଖ ରେ ଲାଠିକଟା ବ୍ଲକର ତାଇଁସର ଗ୍ରାମ ପଚାଂୟତ ଅନ୍ତର୍ଗତ ଝାଣ୍ଡି ଗ୍ରାମଠାରେ ଆରମ୍ଭ ହୋଇଛି। ସିଏସଆର୍ ର ମହାପ୍ରବନ୍ଧକ ଶ୍ରୀ ବିଭବସୁ ମାଲିକ ଉଦ୍‌ଘାଟନୀ ସମାରୋହରେ ଅଧକ୍ଷତା କରିଥିଲେ ଏବଂ ଟୁର୍ନାମେଟଂର ଆନୁଷ୍ଠାନିକ ଉଦ୍‌ଘାଟନ ଘୋଷଣା କରିଥିଲେ। ଏହି ଅବସରରେ ସିଏସଆର୍ ଉପମହାପ୍ରବନ୍ଧକ ଶ୍ରୀ ପୁରୁଷୋତ୍ତମ ସାହୁ, ସିଏସଆର୍ ସହକାରୀ ମହାପ୍ରବନ୍ଧକ ଶ୍ରୀ ବିନାୟକ ଜେନା, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ, ଗ୍ରାମର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ସିଏସଆର୍ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯାହା ଅକ୍ଟୋବର, ୨୭ ତାରିଖ ରେ ସମାପ୍ତ ହେବ। ଟୁର୍ନାମେଟଂର ବିଜେତା ଦଳକୁ ୧୦,୦୦୦/- ଟଙ୍କାର ନଗଦ ପୁରସ୍କାର ଏବଂ ଏକ ଟ୍ରଫି ପ୍ରଦାନ କରାଯିବ। ଏହା ବ୍ୟତୀତ ରନର୍ସ-ଅପ୍ ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରୁଥିବା ଦଳଗୁଡ଼ିକୁ ମଧ ଟ୍ରଫି ଏବଂ ନଗଦ ପୁରସ୍କାରରେ ସମ୍ମାନିତ କରାଯିବ। ଶ୍ରେଷ୍ଠ ଗୋଲକିପର, ଶ୍ରେଷ୍ଠ ଡିଫେଣ୍ଡର, ଶ୍ରେଷ୍ଠ ସ୍କୋରର ଏବଂ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବ୍ୟକ୍ତିଗତ ପୁରସ୍କାର ସ୍ୱରୂପ ଟ୍ରଫି ଏବଂ ନଗଦ ଅର୍ଥ ପ୍ରଦାନ କରାଯିବ। ଆରଏସପି ର ସିଏସଆର୍ ବିଭାଗ ଦ୍ୱାରା ପୂଜା ସ୍ୱୟଂ ସହାୟକ ଗୋଷ୍ଠୀ ର ସହଯୋଗରେ ଏହି ପାଚଂ ଦିନିଆ ଟୁର୍ନାମେଟଂ ଆୟୋଜିତ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ୍ ଟୁର୍ନାମେଟଂ' ଅଧୀନରେ ଆଚଂଳିକ ସ୍ତରୀୟ ପ୍ରତିଯୋଗିତା ଆର.ଏସ.ପି ଦ୍ୱାରା ନିକଟସ୍ଥ ସମସ୍ତ ବ୍ଲକ ଯଥା ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା ଏବଂ ଲାଠିକଟାରେ ଆୟୋଜନ କରାଯାଉଛି। ସମ୍ପୃକ୍ତ ବ୍ଲକଗୁଡ଼ିକର ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକ ପରବର୍ତ୍ତୀ ସମୟରେ ଖେଳାଯିବାକୁ ଥିବା ଟୁର୍ନାମେଟଂର ଫାଇନାଲ୍ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ।